


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





✦Vol - 22✦ Issue No:93✦26 July 2026 (Sunday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୯୩✦୨୬ ଜୁଲାଇ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## 'ଲକି ଫ୍ଲାଇଟ୍ ୧୩'କୁ ସଫଳତାର ସହ ଉତ୍କ୍ଷେପଣ କଲା ସ୍ପେସ୍‌ଏକ୍ସ



ୱାସିଂଟନ,୨୫/୭: ଟେକ୍ସାସର ବୋକା ଚିକାରେ ଥିବା ଷ୍ଟାରବେସ୍‌ରୁ ସ୍ପେସଏକ୍ସର ଷ୍ଟାରସିପ୍ ଫ୍ଲାଇଟ୍ ୧୩ ସଫଳତାର ସହ ଉତ୍କ୍ଷେପଣ ହୋଇ ପରେ ଭାରତ ମହାସାଗରରେ ଏକ ସଫଳ ଅବତରଣ କରିଛି। ଏହା ବିଶ୍ୱର କୋଟିପତି ଏଲୋନ ମସ୍କଙ୍କ ମାଲିକାନାରେ ଥିବା ସ୍ପେସଏକ୍ସର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ରକେଟ୍ ଇଞ୍ଜିନ୍ ଷ୍ଟାର୍ଟଅପ୍ ସମସ୍ୟାର ସମ୍ମୁଖୀନ ହେବା ପରେ ପୂର୍ବର ଉତ୍କ୍ଷେପଣକୁ ବାତିଲ କରାଯାଇଥିଲା। ସ୍ପେସଏକ୍ସର ଫ୍ଲାଇଟ୍ ୧୩ର ସଫଳତା ଷ୍ଟାରସିପ୍‌କୁ ଏକ ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରକ୍ଷେପଣ ଯାନ କରିବାରେ ଆଉ ଏକ ପ୍ରୟାସ ଭାବେ ଦେଖାଯାଉଛି। ରିପୋର୍ଟ ଅନୁଯାୟୀ, ସ୍ପେସଏକ୍ସର ଦୀର୍ଘକାଳୀନ ରଣନୀତି ଅନ୍ତର୍ଗତ ଏହି ରକେଟ୍ ବଡ଼ ଷ୍ଟାରଲିଙ୍କ୍ ଉପଗ୍ରହ ନିୟୋଜନ କରିବ, ନାସାର ଆର୍ଟେମିସ୍ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବ ଏବଂ ମଙ୍ଗଳ ଗ୍ରହକୁ ଭବିଷ୍ୟତର ମାନବ ଯାତ୍ରା ପାଇଁ ଏକ ପ୍ରମୁଖ ଯାନ ଭାବରେ କାର୍ଯ୍ୟ କରିବ । ପୂର୍ବ ଉଡ଼ାଣଗୁଡ଼ିକ ମୁଖ୍ୟତଃ ମହାକାଶ ଯାନ ଉତ୍କ୍ଷେପଣ ଉପରେ ଧ୍ୟାନ ଦେଉଥିବାବେଳେ, ଏହି ନୂଆ ମିଶନ ମହାକାଶରେ ପେଲୋଡ୍ ନିୟୋଜନ ଏବଂ ଇଞ୍ଜିନ୍ ପୁନଃପ୍ରଜ୍ୱଳନ ପରୀକ୍ଷା କରି ରକେଟର କାର୍ଯ୍ୟକ୍ଷମ କ୍ଷମତାକୁ ଯାଚଂ କରିବା ଉପରେ ପର୍ଯ୍ୟବେସିତ। ଏହା ଦ୍ୱାରା ପୃଥିବୀର କକ୍ଷପଥ, ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହକୁ କ୍ରୁ ଏବଂ ମାଲ୍ ପରିବହନ ପାଇଁ ଡିଜାଇନ୍ ହୋଇଥିବା ଏକ ସମ୍ପୂର୍ଣ୍ଣ ପୁନଃବ୍ୟବହାରଯୋଗ୍ୟ ରକେଟ୍ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି। ଷ୍ଟାରସିପ୍ ଫ୍ଲାଇଟ୍ ୧୩ ପ୍ରଥମେ ଜୁଲାଇ ୧୬ ରେ ଲଟଂ ହେବାର ଥିଲା, କିନ୍ତୁ କାଉଟଂଡାଉନର ଶେଷ ମୁହୂର୍ତରେ ସୁପର ହେଭି ବୁଷ୍ଟରର କିଛି ରାପ୍ଟର ୩ ଇଞ୍ଜିନ ଜଳିବାରେ ବିଫଳ ହୋଇଥିଲା, ଯାହା ଫଳରେ ଲଟଂ ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇଯାଇଥିଲା। ପରେ ଏଲୋନ୍ ମସ୍କ କହିଥିଲେ ଯେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଦୁଇଟି ଇଞ୍ଜିନ ବଦଳାଯିବ। ଇଞ୍ଜିନ ବଦଳାଯିବା ପରେ, ସ୍ପେସଏକ୍ସ ଜୁଲାଇ ୨୩ ପାଇଁ ଏକ ନୂତନ ତାରିଖ ସ୍ଥିର କରିଥିଲା, କିନ୍ତୁ ସେହି ଦିନ ଖରାପ ପାଗ ଯୋଗୁଁ ଉତ୍ ?କ୍ଷେପଣକୁ ଜୁଲାଇ ୨୪ କୁ ସ୍ଥଗିତ ରଖାଯାଇଥିଲା। ସୂଚନା ଅନୁଯାୟୀ, ଲଟଂ ୱିଣ୍ଡୋ ଟେକ୍ସାସ ସମୟ ସନ୍ଧ୍ୟା ୫:୪୫ ରେ ଖୋଲିଥିଲା। ଭାରତୀୟ ମାନକ ସମୟ ଅନୁଯାୟୀ , ଷ୍ଟାରସିପ୍ ଉଡ଼ାଣ ୨୫ ଜୁଲାଇ ୨୦୨୬ ରେ ଭୋର୍ ୪:୧୫ ରେ କରାଯାଇଥିଲା ।

## 'ରିଲ୍ସ କର, ଇନଷ୍ଟାରେ ଆକ୍ଟିଭ ରହି ୟୁଥ୍‌ଙ୍କ ସହ ସିଧା କମ୍ୟୁନିକେସନ୍ କର'

# ମନ୍ତ୍ରୀଙ୍କୁ ମୋଦିଙ୍କ ପରାମର୍ଶ



ନୂଆଦିଲ୍ଲୀ,୨୫/୭: ରିଲ୍ସ କର, ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ସକ୍ରିୟ ରୁହ । ଦେଶର ଯୁବପିଢ଼ି (ଜେନ୍-ଜି)ଙ୍କ ସହ ଯୋଡିହୁଅ । ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରୀମାନଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି । ଏଥିସହ ସେମାନେ ଇନଷ୍ଟାଗ୍ରାମକୁ କେତେ ବ୍ୟବହାର କରୁଛନ୍ତି ଓ ଯୁବବର୍ଗଙ୍କ ସମେତ ଲୋକମାନଙ୍କ ସହ କିଭଳି ସମ୍ପର୍କ ରଖିଛନ୍ତି ସେହି ବିଷୟରେ ପ୍ରଧାନମନ୍ତ୍ରୀ ସେଠାରେ ଉପସ୍ଥିତ ମନ୍ତ୍ରୀମାନଙ୍କୁ ପଚାରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଇନଷ୍ଟାଗ୍ରାମରେ କେବଳ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପୋଷ୍ଟ କଲେ ତାହା ଯଥେଷ୍ଟ ହେବନାହିଁ । ଯୁବକଙ୍କ ସହିତ ଯୋଡିହେବା ପାଇଁ ସେମାନଙ୍କ ସହ ନିୟମିତ ଆଲୋଚନା କରିବାକୁ ପଡିବ । ଯୁବପିଢ଼ିଙ୍କ ସହ ସକ୍ରିୟ ରହିବାକୁ ହେଲେ ରିଲ୍ସ କରିବାକୁ ପଡିବ ଓ ତାକୁ ପୋଷ୍ଟ କରିବାକୁ ହେବ । ପ୍ରଧାନମନ୍ତ୍ରୀ କହିଥିଲେ ଯୁବବର୍ଗ ଏବେ ଇନଷ୍ଟାଗ୍ରାମରେ ଅଧିକ ସକ୍ରିୟ ରହୁଛନ୍ତି । ଯୁବକମାନେ ହେଉଛନ୍ତି ଜନସଂଖ୍ୟାର ଏକ ବିଶାଳ ଅଂଶ । ତେଣୁ ସେମାନଙ୍କ ସହ ଆମ ସମସ୍ତଙ୍କୁ ଯୋଡି ହୋଇରହିବାକୁ ପଡିବ । ସେଥିପାଇଁ ସାମାଜିକ ଗଣମାଧ୍ୟମରେ ନିଜକୁ ସକ୍ରିୟ ରଖିବାକୁ ହେବ ବୋଲି ମୋଦି କ୍ୟାବିନେଟ ମନ୍ତ୍ରୀମାନଙ୍କୁ କହିଥିଲେ

## ମୁଁ ଚତୁର୍ଥ ଥର ପାଇଁ ନିର୍ବାଚନ ଲଢ଼ିବି: ୨୦୨୮ ଲେଖାଥିବା ଟୋପି ପିନ୍ଧି ସାମ୍ବାଦିକଙ୍କୁ କହିଲେ ଟ୍ରମ୍ପ



ୱାସିଂଟନ,୨୫/୭: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍ କରେସପଣ୍ଡେଟଂସ୍ ଆସୋସିଏସନ୍ ରାତ୍ରୀଭୋଜନରେ ଏକ ନିଆରା ଢଙ୍ଗରେ ଭାଷଣ ଦେଇଥିଲେ। ପ୍ରାୟ ଏକ ଘଟାଂ ଧରି ଭାଷଣ ଦେବା ସମୟରେ ସେ ସାମ୍ବାଦିକ, ଗଣମାଧ୍ୟମ ଏବଂ ତାଙ୍କର ରାଜନୈତିକ ବିରୋଧୀମାନଙ୍କୁ ସମାଲୋଚନା କରିଥିଲେ। ସେ ରାଷ୍ଟ୍ରପତି ପାଇଁ ଚତୁର୍ଥ ଥର ଲଢ଼ିବାକୁ ମଜାରେ ମଜାରେ କହିଥିଲେ।ଟ୍ରମ୍ପ ଲାଲ ରଙ୍ଗର 'ଟ୍ରମ୍ପ ୨୦୨୮' କ୍ୟାପ୍ ପିନ୍ଧି ମଞ୍ଚସ ଉପରକୁ ଉଠିଥିଲେ ଏବଂ ଚତୁର୍ଥ କାର୍ଯ୍ୟକାଳ ପାଇଁ ଲଢ଼ିବା ପାଇଁ ତାଙ୍କର ଇଚ୍ଛା ଘୋଷଣା କଲେ। ସେ କହିଥିଲେ, ଆଜି ରାତିରେ, ମୁଁ ପ୍ରେସ୍‌ର ରେଟିଂ ବଢ଼ାଇବା ପାଇଁ ଚତୁର୍ଥ କାର୍ଯ୍ୟକାଳ ଲାଗି ଲଢ଼ିବା ନେଇ ମୋର ଇଚ୍ଛା ଥିବା ଘୋଷଣା କରୁଛି। ତେବେ ସେ ଏହି ବକ୍ତବ୍ୟକୁ ଏକ ମଜା ଭାବରେ ଉଦ୍ଦିଷ୍ଟ କରିଥିଲେ,କାରଣ ଆମେରିକାର ସମ୍ବିଧାନ ଅନୁସାରେ ଜଣେ ବ୍ୟକ୍ତି ସର୍ବାଧିକ ଦୁଇଟି ଥର ରାଷ୍ଟ୍ରପତି କାର୍ଯ୍ୟକାଳ ପୂରଣ କରିପାରିବେ। ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଥିଲେ ଯେ, ରାଷ୍ଟ୍ରପତି ପଦ ଛାଡିବା ପରେ ଗଣମାଧ୍ୟମ ଏକ ବଡ଼ କ୍ଷତିର ସମ୍ମୁଖୀନ ହେବ। ଯେତେବେଳେ ମୁଁ ଚାଲିଯିବି, ତୁମେ ସମସ୍ତେ ସମସ୍ୟାରେ ପଡ଼ିବ। ରିପୋର୍ଟ କରିବା ପାଇଁ ତୁମ ପାଖରେ ଆଉ କିଛି ରହିବ ନାହିଁ। ତୁମର ବ୍ୟବସାୟ ମଡେଲ ଭୁଶୁଡ଼ି ପଡ଼ିବ। ଲୋକମାନେ ଅନ୍ୟ ଲୋକଙ୍କ କାହାଣୀରେ ଏତେ ଆଗ୍ରହୀ ନୁହଁନ୍ତି, ତେଣୁ ମୁଁ ପ୍ରେସ୍‌ର ରେଟିଂ ବଢ଼ାଇବା ପାଇଁ ଚତୁର୍ଥ କାର୍ଯ୍ୟକାଳ ବିଷୟରେ କହୁଛି। ଏହି କାର୍ଯ୍ୟକ୍ରମରେ ଅନେକ ସାମ୍ବାଦିକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ନୀଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ: ଇସ୍ତଫା ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ,୨୫/୭: ନୀଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ସାରା ଦେଶରେ ତୀବ୍ର ଜନଆକ୍ରୋଶ ଓ ବିରୋଧ ପ୍ରଦର୍ଶନ ପରେ ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ''କକ୍ରୋଚ୍ ଜନତା ପାର୍ଟି'' (ସିଜେପି), ବିଭିନ୍ନ ଛାତ୍ର ସଂଗଠନ ଏବଂ ବିରୋଧୀ ଦଳଗୁଡ଼ିକର କ୍ରମାଗତ ଦାବି ଓ ଆନ୍ଦୋଳନ ଆଗରେ ନଇଁ ଶେଷରେ ସେ ଏହି ନିଷ୍ପତି ନେଇଛନ୍ତି। ସିଜେପି ନେତୃତ୍ୱାଧୀନ ଆନ୍ଦୋଳନର ମୁଖ୍ୟ ଦାବି ଥିଲା ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା। ତେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦବୀରୁ ଇସ୍ତଫା ଦେବା ସହ କହିଛନ୍ତି ନୀଟ୍ ପ୍ରଶ୍ନପତ୍ର ଲିକକୁ ନେଇ ଦିଲ୍ଲୀର ଜନ୍ତର ମନ୍ତରରେ ଚାଲିଥିବା ବ୍ୟାପକ ଯୁବ-ଛାତ୍ର ଆନ୍ଦୋଳନକୁ କୌଣସି 'ଦେଶବିରୋଧୀ ଶକ୍ତି' ଯେପରି ନିଜ ଫାଇଦା ପାଇଁ ବ୍ୟବହାର ନକରନ୍ତି ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରହେ, ସେଥିପାଇଁ ସେ ଏହି ନିଷ୍ପତି ନେଇଛନ୍ତି।

## ସେତୁ ଉଦ୍‌ଘାଟନ ନିମନ୍ତ୍ରଣ ପ୍ରତ୍ୟାହାର କଲା କାନାଡା:



### ଟ୍ରମ୍ପ କହିଲେ ଲାଭର ୫୦% ନେବ ଆମେରିକା

ୱାସିଂଟନ/ଓଟାୱା,୨୫/୭: ଆମେରିକା ଏବଂ କାନାଡା ମଧ୍ୟରେ ବଢ଼ୁଥିବା ବାଣିଜ୍ୟ ଉତେଜନା ଏବେ ଦୁଇ ଦେଶର ମିଳିତ ଭିତିଭୂମି ପ୍ରକଳ୍ପ ଉପରେ ପ୍ରଭାବ ପକାଉଛି। ଗୋର୍ଡି ହୋୱେ ଅନ୍ତର୍ଜାତୀୟ ସେତୁର ମିଳିତ ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ କାନାଡା ଆମେରିକାକୁ ଦେଇଥିବା ନିମନ୍ତ୍ରଣ ପ୍ରତ୍ୟାହାର କରିନେଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାର ଜବାବରେ କହିଛନ୍ତି ଯେ, ଏହା ମୋ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। କାରଣ କାନାଡା ପୂର୍ବରୁ ଆମେରିକାକୁ ଭାରୀ ଶୁଳ୍କ ଦେଉଛି। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଦାବି କରିଛନ୍ତି ଯେ, ପୂର୍ବ ଆମେରିକା ସରକାର ଏହି ପ୍ରକଳ୍ପ ସହିତ ଜଡିତ ଏକ ଅତ୍ୟନ୍ତ ଖରାପ ଚୁକ୍ତି କରିଥିଲେ, କିନ୍ତୁ ବର୍ତମାନ ଏହାର ସର୍ତାବଳୀ ପରିବର୍ତନ ହୋଇଛି। କାନାଡାକୁ ଏକ ଝଟକା ଦେଇ ଟ୍ରମ୍ପ ଏକ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି, ନୂତନ ଚୁକ୍ତି ଅନୁଯାୟୀ, ଆମେରିକା ଏବେ ଏହି ପ୍ରକଳ୍ପର ନିଟ୍ ଲାଭର ୫୦ ପ୍ରତିଶତ ପାଇବ। ଆମେରିକା ଚଳିତ ସପ୍ତାହରେ କିଛି କାନାଡା ଉତ୍ପାଦ ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲଗାଇବା ଘୋଷଣା କରିଥିଲା । ଆମେରିକା ପ୍ରଶାସନ କହିଥିଲା ଯେ, କାନାଡା ଦ୍ୱାରା ଆମେରିକୀୟ ଉତ୍ପାଦଗୁଡ଼ିକ ପ୍ରତି କରାଯାଉଥିବା ପକ୍ଷପାତପୂର୍ଣ୍ଣ ନୀତିର ଜବାବରେ ଏହି ପଦକ୍ଷେପ ନିଆଯାଇଛି। ମୋଟର ଯାନ, କ୍ଷୀର ଉତ୍ପାଦ ଏବଂ ମଦ୍ୟପାନ ଭଳି କ୍ଷେତ୍ର ସହିତ ଜଡିତ କିଛି କାନାଡୀୟ ସାମଗ୍ରୀ ଉପରେ ଏହି ଅତିରିକ୍ତ ଶୁଳ୍କ ଲାଗୁ ହେବ। ଟ୍ରମ୍ପଙ୍କ ଦ୍ୱାରା ଆଦେଶ ସ୍ୱାକ୍ଷରିତ ହେବାର ୩୦ ଦିନ ପରେ ଏହି ଶୁଳ୍କ ଲାଗୁ ହେବ। ଆମେରିକାର ନିଷ୍ପତି ପରେ, କାନାଡାର ଭିତିଭୂମି ମନ୍ତ୍ରୀ ଗ୍ରେଗର ରବର୍ଟସନଙ୍କ କାର୍ଯ୍ୟାଳୟ ଏକ ବିବୃତି ଜାରି କରି କହିଛି ଯେ, ଆମେରିକାର ବାଣିଜ୍ୟ କାର୍ଯ୍ୟାନୁଷ୍ଠାନର ଧମକକୁ ଦୃଷ୍ଟିରେ ରଖି ଦୁଇ ଦେଶ ଏକାଠି ଉତ୍ସବ ପାଳନ କରିବା ଅନୁଚିତ ହେବ। ସେ କହିଛନ୍ତି ଯେ ଏହି ସେତୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ, ବର୍ଷ ବର୍ଷର କଠିନ ପରିଶ୍ରମର ଫଳାଫଳ, ଏବଂ ଭବିଷ୍ୟତର ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ହେବ।

## ୪ଦିନ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର,୨୫/୭(ନି/ପ୍ର): ଉତର ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ପାର୍ଶ୍ୱବର୍ତୀ ବାଂଲାଦେଶରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଆସନ୍ତା ୨୪ ଘଟାଂ ମଧ୍ୟରେ ଏହା ପ୍ରଭାବରେ ସମାନ ଅଟଂଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଟଂଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଉତର ଓଡ଼ିଶାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ। ଉପକୂଳବର୍ତୀ ଜିଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏପରିକି, ପଶ୍ଚିମାଟଂଳରେ ଭଲ ବର୍ଷା ହୋଇପାରେ ବର୍ଷା ହେବାର ଆଶଙ୍କା ରହିଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ ବିପଜ୍ଜନକ ମୋଡ଼ରେ:

### ସମୁଦ୍ରରେ ଫସି ରହିଛନ୍ତି ୪୦୦, ଜାହାଜରେ ୬ ହଜାରରୁ ଅଧିକ ନାବିକ



ତେହେରାନ,୨୫/୭:ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏକ ଅତ୍ୟନ୍ତ ବିପଜ୍ଜନକ ମୋଡ଼ରେ ପହଟିଂଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବାହାରିନ ଏବଂ କୁଏତ ଇରାନ ଭିତରେ ଥିବା ସାମରିକ ଘାଟି ଉପରେ ସେମାନଙ୍କର ପ୍ରଥମ ଗୁପ୍ତ ବିମାନ ଆକ୍ରମଣ ଆରମ୍ଭ କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ ଗୁପ୍ତଚର ଏବଂ ବିମାନ ସୁରକ୍ଷା ଯୋଗାଇ ପରଦା ପଛରେ ରହି ଏହି ଗୁପ୍ତ କାର୍ଯ୍ୟରେ ସହାୟତା କରିଛି। ଏହି ସମୟରେ, ଆମେରିକା ଇରାନର ଅବରୋଧ ଉଲ୍ଲଂଘନ କରୁଥିବା ଜାହାଜଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର୍ କରିଛି। ଏହା ଜବାବରେ ବାହାରିନ, କୁଏତ, ଜୋର୍ଡାନ ଏବଂ ଇରାକରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଇରାନ ବଡ଼ ଧରଣର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରି ସମଗ୍ର ଅଟଂଳକୁ ଧ୍ୱଂସସ୍ତୁପରେ ପରିଣତ କରିଛି। କୁଏତର କ୍ୟାମ୍ପ ଉଦେରି ଏବଂ ଅଲି ଅଲ-ସାଲେମ ବାୟୁ ଘାଟିକୁ ଟାର୍ଗେଟ କରାଯାଇଥିବା ଇରାନ ପକ୍ଷରୁ ଦାବି କରାଯାଇଛି। ଏହା ସହିତ, ଏକ ଆମାଜନ ଡାଟା ସେଟଂର ଉପରେ ଆକ୍ରମଣର ରିପୋର୍ଟ ମଧ୍ୟ ସାମ୍ନାକୁ ଆସିଛି। ଇରାନ ସ୍ପଷ୍ଟ ଭାବରେ କହିଛି ଯେ, ଆମେରିକା ଆମ ବିରୋଧରେ ଯେଉଁଦେଶକୁ ବ୍ୟବହାର କରିବ ସେହି ଦେଶ ଆମର ଟାର୍ଗେଟ ହେବ। ଯୁଦ୍ଧର ପ୍ରଭାବ ଏବେ ବିଶ୍ୱ ଅର୍ଥନୀତି ଏବଂ ସାଧାରଣ ଲୋକଙ୍କ ଉପରେ ସିଧାସଳଖ ପ୍ରଭାବ ପକାଉଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁଁ, ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୯୬ ଡଲାର ଅତିକ୍ରମ କରିଛି। ଓମାନ ଏବଂ ପାକିସ୍ତାନ ଭଳି ଦେଶ ଆମେରିକା ଏବଂ ଇରାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ କୌଣସି ପକ୍ଷ ହାର ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ଯୁଦ୍ଧ ଯୋଗୁଁ ପ୍ରାୟ ୪୦୦ ଜାହାଜରେ ୬ ହଜାରରୁ ଅଧିକ ନାବିକ ସମୁଦ୍ରରେ ଫସି ରହିଛନ୍ତି। ସେମାନେ ଖାଦ୍ୟ ଏବଂ ପାନୀୟ ଜଳର ଘୋର ଅଭାବର ସମ୍ମୁଖୀନ ହେଉଛନ୍ତି।







# କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ ଛାତ୍ର ବିଜେଡିର ବିଶାଳ ବିକ୍ଷୋଭ




କେନ୍ଦୁଝର,୨୫/୭(ନି/ପ୍ର):ରାଜ୍ୟରେ ପାଠ୍ୟ ପୁସ୍ତକରେ ଗୁରୁତର ତୃଟିକୁ ନେଇ ବିଜୁ ଜନତା ଦଳର ଯୁବ ଛାତ୍ର ଶାଖା ତରଫରୁ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛି। ବର୍ଷା ସତ୍ୱେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବକ ମାନେ ଯୋଗ ଦେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶ ପୁନ୍ତଳିକା ଦାହ କରିଥିବା ସହ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱ ରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃତ୍ୱ ତୁରନ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ ବୋଲି କହିଥିଲେ। ବିଜେଡି ଜିଲ୍ଲା ଯୁବ ସଭାପତି ରାକେଶ ରାମ ନିଜ ବକ୍ତବ୍ୟରେ କୋମଳମତି ଶିଶୁମାନଙ୍କ ଭବିଷ୍ୟତ ନଷ୍ଟ କରିବାକୁ ସୁଚିନ୍ତିତ ପଦକ୍ଷେପ ନିଆଯାଇଥିବା କହିଥିଲେ। ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ ନିଜ ବକ୍ତବ୍ୟରେ ଦିଶାହୀନ ସରକାରଙ୍କ ଯୋଗୁଁ ଶିକ୍ଷା ବ୍ୟବସ୍ଥା ଛାରଖାର ହୋଇଛି ବୋଲି କହିଥିଲେ।ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ନିଜ ଅଭିଭାଷଣରେ କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକର ବିଦ୍ୟାର୍ଥୀଙ୍କ ଆସିଥିବା ବହି ତେଲକୋଇ ବ୍ଲକରେ ଖତ ଖାଉଛି ବୋଲି କହିଥିବାବେଳେ ଶିକ୍ଷା ବ୍ୟବସ୍ଥା ରାଜ୍ୟରେ ଭୁଷୁଡ଼ି ପଡ଼ିଥିବା ସେ କହିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠି ନିଜ ବକ୍ତବ୍ୟରେ ସରକାର ବିଭିନ୍ନ କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି କହିଥିଲେ। ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଧୁ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ,ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ତଥା ମହିଳା ବିଜେଡି ସଭାନେତ୍ରୀ କମଳିନୀ ପାତ୍ର,ନଗର ସଭାପତି ପୂର୍ଣଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ର ଧର ପରିଡା, ଝୁମ୍ପୁରା ବ୍ଲକ ସଭାପତି ଡ଼ମ୍ବୁରୁ ଦାସ, ବାଂଶପାଳ ବ୍ଲକ ସଭାପତି ଯଦୁମଣି ଠାକୁର, ଯୁବ ସଭାପତି ସତ୍ୟାନନ୍ଦ ଆରୁକ,ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ,ପୂର୍ବତନ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ମୀନା ମାଝୀ,ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦିନୀ ମହାକୁଡ଼, ରଥ ମୁଣ୍ଡା, ସୌଭାଗ୍ୟ ମଞ୍ଜରୀ ନାଏକ, ଗୀତାଞ୍ଜଳି ପରିଡା, ମଞ୍ଜୁଲତା ନାଏକ,ଘଟଗାଁ ବ୍ଲକ ଅଧ୍ୟକ୍ଷ୍ୟା ଗୀତା ଞ୍ଜଳୀ ନାଏକ, ସବିତା ସେଠି, କୁମୁଦିନୀ ନାଏକ,ରୁନୁ ମଲିକ,ମାଳତୀ ନାଏକ,ଯୁବ ନେତା ସତ୍ୟବ୍ରତ ନାଏକ, ପୂର୍ବତନ ଛାତ୍ର ବିଜେଡି ସଭାପତି ଆଶିଷ ଆଚାର୍ଯ୍ୟ,ସିଦ୍ଧାର୍ଥ ଶଙ୍କର ସାହୁ,ଦେବୁ ପଟ୍ଟନାୟକ, ଜଗଦୀଶ ଆପଟ, ଟିଙ୍କୁ ପ୍ରଧାନ,ବାସୁଦେବ ଜେନା, ମୁନା ପାଣି, ଅଜୟ ଦାସ, ବାବି ପଟ୍ଟନାୟକ, ରାଜୁ ବାରିକ,,ଛାତ୍ର ସଭାପତି ଦୀପକ ସାହୁ, ଛାତ୍ର ନେତା ସଂଜୀବ,ଦେବ ବେହେରା, ମନ୍ମଥ ଘଣା, ଗୁରୁଚରଣ ବେହେରା, ପପୁ ଯାଦବ,ଜ୍ଞାନ ମହାପାତ୍ର, ସ୍ୱନ୍ଦନ ଆଚାର୍ଯ୍ୟ, ଜୀବନ ଜେନା, ଦୀପକ ଘଡେଇ, ଦୀପଙ୍କର ବିଶ୍ୱାସ, ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦୁଝରରେ ପ୍ରଥମ ଥର ପାଇଁ କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବ




କେନ୍ଦୁଝର,୨୫/୭(ନି/ପ୍ର): କେନ୍ଦୁଝରରେ ପ୍ରଥମ ଥର ପାଇଁ କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍' ଅନୁଷ୍ଠିତ ହେବ। ଆସନ୍ତା ଅକ୍ଟୋବର ୯ ଓ ୧୦ ତାରିଖ ରେ ମହୋତ୍ସବରେ ଦେଶର ବିଭିନ୍ନ ଆଂଚଳିକ ଭାଷାର ସ୍ୱଳ୍ପଦୈର୍ଘ୍ୟ ଚଳଚ୍ଚିତ୍ରର ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଚଳଚ୍ଚିତ୍ର ନିର୍ମାତାମାନେ ଯୋଗଦେବେ। ଏହାସହ ବଲିଉଡ୍, ଓଲିଉଡ୍ ଓ ଦେଶର ଅନ୍ୟାନ୍ୟ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାରମାନେ ମଧ୍ୟ ସମର୍ଥନ ଓ ଉତ୍ସାହ ପ୍ରଦାନ କରିବା ପାଇଁ ଉପସ୍ଥିତ ରହିବେ। ଏହି ଫିଲ୍ମ ଫେଷ୍ଟିଭାଲ୍କୁ ଜୁମାକ୍ସ ଷ୍ଟୁଡିଓର ଆୟୋଜନରେ ନିରାକାନୁ ଆର୍ଲ୍ସ ଫାଉଣ୍ଡେସନ୍ ବ୍ରୋଭାଣ୍ଡା ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ର ସହଯୋଗରେ ଆୟୋଜନ କରାଯାଉଛି। ଆୟୋଜକ ଅବିନାଶ ରାଉତଙ୍କ କହିବାନୁସାରେ, ଏହି ମହୋତ୍ସବ ନବାଗତ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଚଳଚ୍ଚିତ୍ର କ୍ଷେତ୍ରର ବିଭିନ୍ନ ଟେକ୍ନିଟକ୍ନିସିଆନଙ୍କ ଙ୍କ ପାଇଁ ନିଜ ପ୍ରତିଭା ପ୍ରଦର୍ଶନ କରିବ କରିବା ସହ ଚଳଚ୍ଚିତ୍ର ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ। କେନ୍ଦୁଝରରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଏହିଜାତୀୟ ସ୍ତର ଫେଷ୍ଟିଭାଲ୍‌ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ସୃଜନଶୀଳ ପ୍ରତିଭାକୁସାରା ଭାରତୀୟ ଚଳଚ୍ଚିତ୍ର ଜଗତରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ କେନ୍ଦୁଝରକୁ ଜାତୀୟ ଚଳଚ୍ଚିତ୍ର ମାନଚିତ୍ରରେ ଏକ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଂଚାଇବ ବୋଲି ଆଶା କରାଯାଉଛି। ଏହି ଫିଲ୍ମ ଫେଷ୍ଟିଭାଲ୍ ସମ୍ପର୍କରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମାଜ କେକି କାକଲି, ସହ-ପ୍ରତିଷ୍ଠାତା ସୁଚିସ୍ମିତା ରାଉତ ଏବଂ ନିର୍ଦ୍ଦେଶକ ଅବିନାଶ ରାଉତ ଉପସ୍ଥିତ ରହି ମହୋତ୍ସବର ଉଦ୍ଦେଶ୍ୟ, ଆୟୋଜନ ଓ ରୂପରେଖା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ।

## ଭାରତୀୟ ମଜଦୁର ସଂଘର ୭୨ତମ ପ୍ରତିଷ୍ଠା ଦିବସ

ଭଦ୍ରକ,୨୫/୭(ନି/ପ୍ର): ଶ୍ରମିକମାନଙ୍କ ହିତ ସାଧନ ନିମନ୍ତେ ୧୯୫୫ ମସିହା ଆଜିର ଦିନରେ ପ୍ରତିଷ୍ଠିତ ହୋଇଥିବା ଭାରତୀୟ ମଜଦୁର ସଂଘ ନିରବଚ୍ଛିନ୍ନ ଭାବେ ଶ୍ରମିକଙ୍କ ପାଇଁ ଲଢ଼େଇ କରି ଆଜି ୭୧ ବର୍ଷ ପୂରଣ କରି ୭୨ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳମନ୍ତ୍ରରେ ଦୀକ୍ଷିତ ଏହି ସଂଘର ପ୍ରତ୍ୟେକଟି ସଦସ୍ୟସଦସ୍ୟା ଏକ ହୋଇ ଗରିବ, ମଜଦୁରର ହକ୍ ପାଇଁ ଲଢ଼େଇ କରି ଆସିଛି ଏବଂ ଆଗାମୀ ଦିନରେ ମଧ୍ୟ କରି ଚାଲିଥିବ। ବିନା ଆନ୍ଦୋଳନରେ ମଣିଷ ତାହାର ହକ୍ ପାଇନାହିଁ। ଏହି ନୀତିକୁ ନେଇ ଭାରତୀୟ ମଜଦୁର ସଂଘ ଶ୍ରମିକମାନଙ୍କ ପାଇଁଲଢ଼େଇ କରି ଆସିଛି। ଅଙ୍ଗନୱାଡି କର୍ମୀଙ୍କୁସରକାରୀ କର୍ମଚାରୀର ମାନ୍ୟତା, ସେମାନଙ୍କ ସାମାଜିକ ସୁରକ୍ଷା, ଆଶାକର୍ମୀ, ପାଚିକା, ସହାୟିକା ଭଳିସବୁ କ୍ଷେତ୍ରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁସରକାରୀ କର୍ମଚାରୀର ମାନ୍ୟତା ସହ ଇଏସ୍‌ଆଇ, ଇପିଏଫ୍ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ଭାରତୀୟ ମଜଦୁର ସଂଘ ଆନ୍ଦୋଳନରତ। ଦେଶର ସର୍ବ ବୃହତ୍ ଶ୍ରମିକ ସଂଗଠନ ଭାବେ ଭାରତୀୟ ମଜଦୁର ସଂଘ ପରିଗଣିତ ହେଉଥିବା ବେଳେ ଏହି ସଂଘ ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି ବୋଲି ଭାରତୀୟ ମଜଦୁର ସଂଘର ୭୨ତମ ପ୍ରତିଷ୍ଠା ଦିବସରେ ସଂଘ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଶହୀଦ୍ ସ୍ମୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ଭଦ୍ରକ ଜିଲ୍ଲାପାଳ ଡ. ଦିଲୀପ ରାଉତରାଏ, ମୁଖ୍ୟବକ୍ତା ଡିଭିଜନାଲ ଲେବର କମିଶନର ଶଚ୍ଚିଦାନନ୍ଦ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାର ମାଟ୍ରିକ ପରୀକ୍ଷାରେ ଟପ୍ପର ଜନ୍ତୁଆଳି ହାଇ ସ୍କୁଲର ଛାତ୍ରୀ ସରିତା ନାୟକ ଓ ଇଂରାଜୀ ମିଡ଼ିୟମରେ କାର୍ମେଲ ସ୍କୁଲର ଛାତ୍ର ଚିନ୍ମୟ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲ୍‌ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ, ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲ୍ଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲ୍ଲା ବ୍ୟବସାୟୀ ମଜଦୁର ସଂଘ, ଭଦ୍ରକ ଜିଲ୍ଲା ଅଟୋ ଚାଳକ ସଂଘ, ଧାମରା ଟ୍ରକ ଚାଳକ ସଂଘ, ଧାମରା ପୋର୍ଟ ଇଂଜିନିୟର୍ସ ଆଣ୍ଡ ଆମ୍ପ୍ଲୋଇଜ୍ ଆସୋସିଏସନ, ପାଚିକା ସହାୟିକା ମଜଦୁର ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ଭଳି ବିଭିନ୍ନ ସଂଗଠନରୁ ଆରତୀ ପଣ୍ଡା, ଜାନକୀ ରାଉତ, ସ୍ୱର୍ଣ୍ଣଲତା ମଲ୍ଲିକ, ପୂର୍ଣ୍ଣିମା ସେଠୀ, ନିରୁପମା ପତ୍ରୀ, ମାନସୀ ଜେନା, ସୁନିତା ମହାପାତ୍ର, ବିଭୁତି ପାଣିଗ୍ରାହୀ, ପ୍ରିୟନାଥ ଧଳ, ସୂର୍ଯ୍ୟକାନ୍ତ ଦାସ, ବରଦା ପ୍ରସନ୍ନସାମଲ, ପ୍ରଶାନ୍ତ ମିଶ୍ର, ଅଭିୟ ନାୟକ, ବିଜୟ ଜେନା, ବିଷ୍ଣୁ ଖଟୁଆ, ଚନ୍ଦ୍ରଶେଖର ଜେନା ପ୍ରମଖ ଯୋଗ ଦେଇଥିଲେ।

## କେନ୍ଦୁଝରଗଡ଼ ପୌରପାଳିକାରେ ସ୍ୱତନ୍ତ୍ର ସଂଶୋଧନ ଓ ଶୁଣାଣି ଶିବିର



କେନ୍ଦୁଝର,୨୫/୭(ନି/ପ୍ର): କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୨୪-କେନ୍ଦୁଝର(ଏସ.ଟି) ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଭୋଟର ଲିଷ୍ଟ ସଂଶୋଧନ ପ୍ରକ୍ରିୟାର ସମୀକ୍ଷା ପାଇଁ ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ସାହୁ କେନ୍ଦୁଝର ଗସ୍ତ କରିଛନ୍ତି। ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ସଘନ ସଂଶୋଧନ, ଶୁଣାଣି ଓ ଅଭିଯୋଗ ଶିବିର-୨୦୨୬'କୁ ସେ ସାକ୍ଷାତ କରି ନିରୀକ୍ଷଣ କରିଛନ୍ତି। ଏହି ଗସ୍ତ ସମୟରେ ଶ୍ରୀ ସାହୁ ଶିବିରରେ ଉପସ୍ଥିତ 'ବୁଥ୍ ସ୍ତରୀୟ ଅଧିକାରୀ' ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସଂଶୋଧନ ଏବଂ ଭୋଟରଙ୍କ ଅଭିଯୋଗଗୁଡ଼ିକର ସମାଧାନ କିଭଳି ଅଧିକ ତ୍ୱରାନ୍ୱିତ ହୋଇପାରିବ, ସେ ନେଇ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଦିଗଦର୍ଶନ ଦେଇଛନ୍ତି। ଲୋକଙ୍କ ଆପତ୍ତି ଓ ପ୍ରତିକ୍ରିୟା ଶୁଣିଲେ ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ ଶିବିରକୁ ଆସିଥିବା ସାଧାରଣ ଜନସାଧାରଣଙ୍କ ସହ ସେ ସିଧାସଳଖ ଆଲୋଚନା କରିଥିଲେ। ସେମାନଙ୍କର ବିଭିନ୍ନ ସମସ୍ୟା ଓ ପ୍ରତିକ୍ରିୟା ଶୁଣିବା ସହ, ଭୋଟର ସେବାକୁ ଅଧିକ ସହଜ, ସ୍ୱଚ୍ଛ ଓ ଖୁବ୍ କମ୍ ସମୟ ମଧ୍ୟରେ ସମାଧାନ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। 'ଆସନ୍ତୁ ସଚେତନ ହେବା, ନିଜ ଭୋଟର ପରିଚୟ ସୁରକ୍ଷିତ କରିବା' ବାର୍ତ୍ତା ସହ ଆୟୋଜିତ ଏହି ଶିବିରରେ ଆବେଦନକାରୀଙ୍କ ନୂଆ ନାମ ଯୋଡ଼ିବା, ଠିକଣା ବଦଳାଇବା ଓ ଅନ୍ୟାନ୍ୟ ଅଭିଯୋଗର ଶୁଣାଣି ତୁରନ୍ତ କରାଯାଉଛି। ଏହି ପରିଦର୍ଶନ ସମୟରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଶିବିର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସଂଶୋଧନ ଶିବିରରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଲାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟଙ୍କ ସମେତ ପଞ୍ଜିକରଣ ଅଧିକାରୀ, ସହରୀପଞ୍ଜିକରଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ(ବିଏଲଓ), ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଉପସ୍ଥିତ ଥିଲେ।

## ଶିମିଳିପାଳ ଅଭୟାରଣ୍ୟରୁ ୪ ଶିକାରୀ ଗିରଫ



ବାରିପଦା,୨୫/୭(ନି/ପ୍ର): ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବନ୍ୟପ୍ରାଣୀ ଶିକାର ପାଇଁ ବେଆଇନ ଅନୁପ୍ରବେଶ କରୁଥିବା ୪ ଜଣ ଶିକାରୀଙ୍କୁ ଶିମିଳିପାଳ ଦକ୍ଷିଣ ପଶ୍ଚିମ ବନ୍ୟପ୍ରାଣୀ ଡିଭିଜନର କର୍ମଚାରୀମାନେ ଗିରଫ କରିଛନ୍ତି। ଶିକାରୀମାନଙ୍କୁ ଏଆଇ ଟ୍ରେଲଗାର୍ଡ କ୍ୟାମେରାରେ କଏଦ କରାଯାଇଥିଲା ଏବଂ ସିମିଳିପାଳ ବ୍ୟାଘ୍ର ସୁରକ୍ଷା ବାହିନୀ ସମେତ ଏନଫୋର୍ସମେଣ୍ଟ ଦଳ ଦ୍ୱାରା ସକ୍ରିୟ ଏନଫୋର୍ସମେଣ୍ଟ ମାଧ୍ୟମରେ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୨ ଟି ହାତ ତିଆରି ବନ୍ଧୁକ, ଗନ୍ ପାଉଡର, ୨ ଟି ହେଡ ଟର୍ଚ୍ଚ ଏବଂ ଅନ୍ୟାନ୍ୟ ନିଷିଦ୍ଧ ଜିନିଷ ଜବତ କରାଯାଇଥିଲା ଏବଂ ଶିକାରକୁ ରୋକାଯାଇଥିଲା। ପୋଡାଡିହା ବନ୍ୟପ୍ରାଣୀ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି। ତଦନ୍ତ ଚାଲିଛି। ଅଭିଯୁକ୍ତ ବ୍ୟକ୍ତି:(୧) ଫାଗୁରାମ ଟୁଡୁ (୨୩), (୨) ରାମ ଚନ୍ଦ୍ର କିସ୍କୁ, (୫୬), (୩) ଗଂଜନ କିସ୍କୁ, (୨୬), (୪) ବିଶ୍ୱନାଥ ହାଁସଦା (୬୫)।

## ତିହିଡି ବ୍ଲକର ନିଟ୍ ପରୀକ୍ଷାରେ ଦୁଇ ଛାତ୍ରଙ୍କ ସଫଳତା

ଭଦ୍ରକ,୨୫/୭(ନି/ପ୍ର):ଭଦ୍ରକ ଜିଲ୍ଲା ତିହିଡି ବ୍ଲକର ଦୁଇ ଜଣ ଛାତ୍ର ଚଳିତ ବର୍ଷର ନିଟ୍ ପରୀକ୍ଷାରେ ସଫଳତା ହାସଲ କରି ନିଜ ଅଂଚଳ ପାଇଁ ଗୌରବ ଆଣିଛନ୍ତି। ଦୁଇ ଛାତ୍ରଙ୍କ ସଫଳତାକୁ ନେଇ ଗ୍ରାମବାସୀ, ଶିକ୍ଷକ,ଆତ୍ମୀୟ ସ୍ୱଜନ ଓ ଶୁଭେଚ୍ଛୁ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।ସାହାପୁର ପଂଚାୟତ କଣ୍ଡରଗଡ଼ିଆ ଗ୍ରାମରେ ସର୍ବେଶ୍ୱର ବିଶ୍ୱାଳଙ୍କ ପୁଅ ରଞ୍ଜନ ବିଶ୍ୱାଳ ସେ ନିଟ୍ ପରୀକ୍ଷାରେ ୭୨୦ରୁ ୫୭୨ ନମ୍ବର ରଖିବା ସହ ଅଲ୍ ଇଣ୍ଡିଆ ରାଙ୍କ ୨୬୩୯ ହାସଲ କରିଛନ୍ତି। ସେହିପରି ଅନ୍ୟ ଜଣେ ମେଧାବୀ ଛାତ୍ର ସୁକାନ୍ତ ସେଠୀଙ୍କ ପୁଅ ଆଶିଷ କୁମାର ସେଠୀ ନିଟ୍‌ପରୀକ୍ଷାରେ ୭୨୦ରୁ ୬୫୭ ନମ୍ବର ହାସଲ କରିଥିଲେ।

## ବିଶିଷ୍ଟ ସମାଜସେବୀ ସନ୍ତୋଷ ତ୍ରିପାଠୀଙ୍କ ପରଲୋକ

କେନ୍ଦୁଝର,୨୫/୭(ନି/ପ୍ର): କେନ୍ଦୁଝର ସହରର ବିଶିଷ୍ଟ ସମାଜସେବୀ ତଥା ମଣ୍ଡୁଆ ଗ୍ରାମର ମୁରବୀ ଭାବେ ବେଶ୍ ଜଣାଶୁଣା ସନ୍ତୋଷ ତ୍ରିପାଠୀଙ୍କ ତାଙ୍କ ବାସଭବନ ଠାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ଆଜି ସକାଳୁ ଶାରିରୀକ ଅସୁସ୍ଥତା ଅନୁଭବ କରିଥିବା ବେଳେ ମେଡିକାଲ କଲେଜ ନେବା ବେଳକୁ ଇହଧାମ ତ୍ୟାଗ କରିଥିଲେ। ସେ କେନ୍ଦୁଝର ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ, ଜିଲ୍ଲା ଟ୍ରକ ସଙ୍ଘ ସଦସ୍ୟ ତଥା ସହରର ପ୍ରତିଷ୍ଠିତ ବ୍ୟବସାୟୀ ଭାବେ ବେଶ୍ ଜଣାଶୁଣା ଥିଲେ। ଆଜି ତାଙ୍କ ଅନ୍ତେଷ୍ଟୀ କ୍ରିୟା ଧାଙ୍ଗରପଡ଼ା ସ୍ଥିତ ଆଦର୍ଶ ଶ୍ମଶାନରେ କରାଯାଇଥିଲା ବେଳେ ବଡ ପୁତ୍ର ଭୁବନ ମୋହନ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ସକାଳୁ ତାଙ୍କ ମରଶରୀରରେ ବହୁ ବିଶିଷ୍ଟ ଲୋକ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ତାଙ୍କ ଶେଷ ସମୟରେ ପରିବାରର ପତ୍ନୀ ସ୍ନେହଲତା ତ୍ରିପାଠୀ , ସାନ ଭାଇ ଶିଶିର କୁମାର ତ୍ରିପାଠୀ,ତୁଷାରକାନ୍ତି ତ୍ରିପାଠୀ ସାନ ପୁତ୍ର ଦେବୀପ୍ରସାଦ ତ୍ରିପାଠୀ, ପୁତ୍ରବଧୂ ସ୍ମୃତିରେଖା ତ୍ରିପାଠୀ , ସୌଭାଗିନି ତ୍ରିପାଠୀ ନାତି ନାତୁଣୀ ଶାଶ୍ୱତ , ସିଦ୍ଧି,ସ୍ୱୟମ୍, ଓ ବନ୍ଧୁ ପରିବାର ଉପସ୍ଥିତ ଥିଲେ।

## ତିହିଡି ସିଆରଏସ ହାଇସ୍କୁଲର ସଭାପତି ହେଲେ ରତିକାନ୍ତ ଦାସ

ଭଦ୍ରକ,୨୫/୭(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଏନଏସି ଅଧିନ ସିଆରଏସ ହାଇସ୍କୁଲ ପରିଚାଳନା କମିଟିର ସଭାପତି ଭାବେ ରତିକାନ୍ତ ଦାସ ମନୋନୀତ ହୋଇଛନ୍ତି। ପରିଚାଳନା କମିଟିକୁ ମଧୁସ୍ମିତା ରାଉତ, ଲକ୍ଷ୍ମୀଧର ପାଢ଼ୀ, ସଞ୍ଜୀବ କୁମାର ପଣ୍ଡା, ସଂଗ୍ରାମ କେଶରୀ କର, ଗୋଲକ ପ୍ରସାଦ ଦାସ, ଶଙ୍କର ପ୍ରଧାନ, ବିରକୃଷ୍ଣ ନାୟକ, ସୋନାଲି ମହାପାତ୍ର, ସନ୍ଧ୍ୟାରାଣୀ ମହାଳିକ, ସସ୍ମିତା ପଣ୍ଡା, ମିତାଞ୍ଜଳି ସେଠୀ, ସୁନିତା ଯେନା, ମାନିନୀ ସେଠୀ, ପୁଷ୍ପଲତା ପାଢ଼ୀ, ବାସନ୍ତୀ ବଳ, ରଶ୍ମିତା ବାରିକ, ସଞ୍ଜୁଲତା ପୁଷ୍ଟି,ରଞ୍ଜିତା ବଳ ପ୍ରମୁଖ ୧୬ ଜଣ ମନୋନୀତି ହୋଇଥିଲେ। ପରେ ସଭାପତି ପଦ ପାଇଁ ରତିକାନ୍ତ ଦାସ ଉପସଭାପତି ପଦ ପାଇଁ ମଧୁସ୍ମିତା ରାଉତଙ୍କୁ ମନୋନୀତ କରାଯାଇଥିଲା।

## ନିର୍ବାଚନୀ ତାଲିମ୍ ପର୍ଯ୍ୟବେକ୍ଷକଙ୍କ ଜିଲ୍ଲା ପରିଦର୍ଶନ ଏବଂ ଏସଆଇଆର କାର୍ଯ୍ୟ ସମୀକ୍ଷା

ଖୋର୍ଦ୍ଧା,୨୫/୭(ନି/ପ୍ର): କାର୍ଯ୍ୟକ୍ରମ ତଦାରଖ ନିମନ୍ତେ ରାଜ୍ୟ ଅଣୁ , କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଶାସନ ସଚିବ ରଶ୍ମିତା ପଣ୍ଡା, ଭାରତୀୟ ପ୍ରଶାସନିକ ଅଧିକାରୀ ଆଜି ଏକ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି, ନିର୍ବାଚନୀ ତାଲିକା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜିଲ୍ଲା ପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ଏବଂ ବିଭିନ୍ନ ଜାତୀୟ ଓ ଆଂଚଳିକ ରାଜନୈତିକ ଦଳ ଜିଲ୍ଲା ସଭାପତି ତଥା ସମ୍ପାଦକ ମାନଙ୍କ ସହ ସମୀକ୍ଷା କରିଛନ୍ତି କ୍ଷ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପିଣ୍ଟିକି ବାହୁ ବଳେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ୧୧୧ ଜୟଦେବ ସଂରକ୍ଷିତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ,୧୧୫ ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରମେଶ ଚନ୍ଦ୍ର ଜେନା,୧୧୬ ବେଗୁନିଆ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ,୧୧୭ ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ,୧୧୮ ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ କ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଏବଂ ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ପ୍ରତାପ କୁମାର ବେହେରା ପାୱାର ପଏଂଟ ମାଧ୍ୟମରେ ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକଙ୍କୁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ବନ୍ଧରେ ଉପସ୍ଥାପନ କରିଥିବା ବେଳେ ପର୍ଯ୍ୟବେକ୍ଷକ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀଙ୍କୁ ଏସ ଆଇ ଆର କାର୍ଯ୍ୟ ସମ୍ବନ୍ଧରେ ପଚାରି ସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଭାରତୀୟ ଜାତୀୟ କଂଗ୍ରେସ ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟିର ବଦ୍ରୀ ନାରାୟଣ ଦାଶ ଏବଂ ସି ପି ଆଇ (ଏମ୍) ଅନନ୍ତ ମଙ୍ଗରାଜ ରାଜନୈତିକ ଦଳ ଜିଲ୍ଲା ବରିଷ୍ଠ ନେତୃ ମଣ୍ଡଳୀ ସହ ଏସ ଆଇ ଆର କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରି ଖୋରଧା ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସଠିକ୍ ଢଙ୍ଗରେ ଚାଲିଥିବାରୁ ରାଜନୈତିକ ଦଳ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଥିବାରୁ ଆନନ୍ଦ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ , ସାଧାରଣ ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏସ ଆଇ ଆର କାର୍ଯ୍ୟକ୍ରମର ତଥ୍ୟ ପ୍ରଦାନ କରିଥିଲେ । ଜିଲ୍ଲାରେ ଅତିରିକ୍ତ ଭୋଟର ପଞ୍ଜିକରଣ ଅଧିକାରୀ ଯଥା ବି ଡି ଓ , ତହସିଲଦାର ଏବଂପୌର /ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ମାନଙ୍କୁ ନେଇ ୩୫ ଜଣ ନିଯୁକ୍ତି ପାଇଛନ୍ତି । ଭୋଟ କେନ୍ଦ୍ର ଗୁଡ଼ିକୁ ଯୁକ୍ତିଯୁକ୍ତ ତଥା ସଙ୍ଗତ କଲାପରେ ୧୫୭୯ ବୁଥ ସ୍ତରୀୟ ଅଧିକାରୀ ନିଯୁକ୍ତି କରାଯାଇଛି । ସେହିପରି ଭାରତୀୟ ଜନତା ପାର୍ଟି ତରଫରୁ ୧୨୩୮ , ବିଜୁ ଜନତା ଦଳ ପକ୍ଷରୁ ୧୩୪୦, ଏବଂ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିର ୬୦୫ ବୁଥ ସ୍ତରୀୟ ଏଜେଂଟ ନିଯୁକ୍ତି ନେଇ ମୋଟ ୩୦୮୩ ବି ଏଲ ଏ ନିଯୁକ୍ତି ସମ୍ବନ୍ଧରେ ପର୍ଯ୍ୟବେକ୍ଷକ ଅବଗତ ହୋଇଥିଲେ । ସେହିପରି ମ୍ୟାପିଂସ୍ଥିତି, ଭୋଟର ଚିହ୍ନଟ ଫର୍ମ ବଂଟନ, ଡିଜିଟାଇଜେସନ, ଲିଙ୍ଗ ଭେଦରେ ଜନସଂଖ୍ୟା (ପ୍ରାରମ୍ଭିକ ଭୋଟର ତାଲିକା ଚିଠା ପ୍ରସ୍ତୁତ ପରେ), ଭୋଟର ତାଲିକା ରେ ଅନିୟମିତତା, ଆପତ୍ତି ଅଭିଯୋଗ ଶୁଣାଣୀ , ପ୍ରକୃତ ଭୋଟର, ମୃତ ଭୋଟର ମାନଙ୍କୁ ତାଲିକାରୁ ବାଦ ଦେବା, ଅବୈଧାନିକ ଭୋଟରଙ୍କୁ ବାଦ ଦେବା ଆଦି ବିଷୟରେ ସମୀକ୍ଷା କରି ଖୋର୍ଦ୍ଧା ବ୍ଲକର ବି ଏଲ ଓ, ବି ଏଲ ଏ ମାନଙ୍କୁ କ୍ଷେତ୍ର କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝି ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ସ୍ୱିଟି ସୋରେନ, ଡେପୁଟି କଲେକ୍ଟର ସଂଗ୍ରାମ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ନିର୍ବାଚନ ବିଭାଗ ସମସ୍ତ କର୍ମଚାରୀ ଯୋଗଦେଇଥିଲେ ।

## ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କମିଟି ଗଠନ

ଭଦ୍ରକ,୨୫/୭(ନି/ପ୍ର): ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଛାତ୍ର ଛାତ୍ରୀଙ୍କ ପିତା ମାତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତ କ୍ରମେ ଶାନ୍ତି ଶୃଙ୍ଖଳାର ସହ ୧୫ ଜଣ ସଭ୍ୟ ସଭ୍ୟାଙ୍କୁ ନେଇ କମିଟି ଗଠନ ହୋଇଥିଲା। ଗୁରୁବାର ଅପରାହ୍ନରେ ଶିକ୍ଷା କମିଟି ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସୁଧାକର ମାଝୀ ସର୍ବସମ୍ମତି କ୍ରମେ ଦ୍ୱିତୀୟ ଥର ପାଇଁ ସଭାପତି ହୋଇଥିବା ବେଳେ ପାର୍ବତୀ ଯେନା ଉପ ସଭାନେତ୍ରୀ ହୋଇଥିଲେ। କମିଟିରେ ସଭ୍ୟା ଭାବେ ଝରଣା ସ୍ୱାଇଁ, ରଞ୍ଜିତା ସାହୁ, ହୀରାଲତା ମାଝୀ, ମାମିନା ସ୍ୱାଇଁ, ଗାୟତ୍ରୀ ବାରିକ, ରାଜଲକ୍ଷ୍ମୀ ସାହୁ, ଶାନ୍ତିଲତା ଦାଶ ଓ ସଭ୍ୟ ଭାବେ ବାପୁନ ଚମ୍ପିଆ, ମଦନ ମୋହନ ସାହୁ, ପ୍ରଭାତ ଯେନା, ଦିଲ୍ଲୀପ ପତି, ରତ୍ନାକର ବେହେରା, ସୁବ୍ରତ କୁମାର ନନ୍ଦ ପ୍ରମୁଖ ଚୟନ ହୋଇଥିଲେ। ଏଥି ସହିତ ସରକାରୀ ନିୟମ ଅନୁସାରେ ସମ୍ପୃକ୍ତ ୱାର୍ଡ଼ର ୱାର୍ଡ଼ ମେମ୍ବର ଗୌରାଙ୍ଗ ଦାଶ,ଅଙ୍ଗନବାଡ଼ି କର୍ମୀ ଚିନ୍ମୟୀ ପଣ୍ଡା, ଆଶା କର୍ମୀ ମାନସୀ ଯେନା ଓ ଶିକ୍ଷକ ପ୍ରତିନିଧି ଭାବେ ସୋହାଗୀ ହେମ୍ବ୍ରମ ମନୋନୀତ ହୋଇଥିଲେ। ଏହି କମିଟିରେ ପ୍ରଧାନ ଶିକ୍ଷକ ନିରାକାର ରାଉତ ସମ୍ପାଦକ ଭାବେ କାର୍ଯ୍ୟ କରିବେ। ସିଆରସିସି ମୋଜାଫର ହୋସେନ ଓ ଅନନ୍ତ କେଶରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ରବିବାର ୨୬ ଜୁଲାଇ ୨୦୨୬**

## ମାଓମୁକ୍ତ ହେବ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ପୃଥିବୀର ସର୍ବବୃହତ ଲୋକତନ୍ତ୍ରର ସର୍ବୋଚ୍ଚ ନେତା ନୁହଁନ୍ତି ସେ ତାଙ୍କ କାର୍ଯ୍ୟଶୈଳୀରେ ଶାସନ ପଦ୍ଧତିରେ ଦେଶବାସୀଙ୍କୁ ଯୋଡିବାର ଦକ୍ଷତାରେ ମଧ୍ୟ ବେଶ ନିପୂଣ । ସେ ତାଙ୍କର ବାର୍ତ୍ତାରେ ଦେଶବାସୀଙ୍କ ପାଇଁ ସର୍ବଦା ଲକ୍ଷ୍ୟପ୍ରାପ୍ତି ହେବାପାଇଁ ଉତ୍ସାହିତ କରିଥାନ୍ତି । ତାଙ୍କର ସେଭଳି ପ୍ରେରଣାଦାୟୀ ତଥା ଲୋକପ୍ରିୟ ଶବ୍ଦ ମଧ୍ୟରୁ 'ସଂକଳ୍ପରୁ ସିଦ୍ଧି' ବେଶ ହୃଦୟସ୍ପର୍ଶୀ ତଥା ପ୍ରଭାବୀ । ଭାରତର ବିକାଶରେ ଅନ୍ୟତମ ବାଧା ସୃଷ୍ଟି କରିଥିବା ମାଓବାଦର ଜଡକୁ ଉପାଡି ଫିଙ୍ଗିବା ପାଇଁ ଚିନ୍ତା କରିବା ସେତିକି କଳ୍ପନାଅତୀତ ଥିଲା ଦିନେ କାଶ୍ମୀରରୁ ଧାରା ୩୭୦କୁ ଉଚ୍ଛେଦ କରିବା ଯେତିକି ଅସମ୍ଭବ ମନେ ହେଉଥିଲା ବା ତିନି ତଲାକ ପ୍ରଥାର ଉଚ୍ଛେଦ, ସିଏଏର ପ୍ରଣୟନ, ଏନଆରସି , ୟୁନିଫର୍ମ ସିଭିଲ କୋର୍ଡ ବା ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ନିର୍ମାଣ । ଏ ସବୁ ସେହି ସଂକଳ୍ପରୁ ସିଦ୍ଧି ମନ୍ତ୍ରରେ ସମ୍ଭବ ହୋଇଛି । ଏହାକୁ କୌଣସି ବ୍ୟକ୍ତି ଏକାକୀ କରିନାହିଁ ବରଂ ଦେଶର କାର୍ଯ୍ୟପନ୍ଥା ଓ ଦୃଢ ନୀତିନିର୍ଣ୍ଣୟର ନୂତନ ପରମ୍ପରାରୁ ଏକ ସାମୁହିକ ରାଷ୍ଟ୍ରବାଦରୁ ସ୍ୱତଃ ସୃଷ୍ଟି ହେଉଥିବା ଅବିନାଶୀ ଉର୍ଜ୍ଜାରୁ ସମ୍ଭବ ହୋଇପାରିଛି । ଦେଶ ସ୍ୱାଧୀନ ପରଠାରୁ ଗୋଟିଏ ପଟେ ଗାନ୍ଧୀ ନେହରୁ ଗୋରା ଚାଲିଗଲା ପରେ ଏବେ ଆମ ପାଳି ଭାବି ଦେଶକୁ ନିଜର ବ୍ୟକ୍ତିଗତ ସମ୍ପତି ଭାବେ ମନେ କରି ଚଳୁକରିବାର ପରମ୍ପରା ଅଘୋଷିତ ଭାବେ ସ୍ଥାପିତ କରିଥିଲେ । ଏହି ଆପେ ବଚିଂଲେ ବାପାର ନାଁ ନୀତି ଆମ ଶାସନ ବ୍ୟବସ୍ଥାକୁ ଏତେ କଳୁଷିତ କରିଦେଲା ଯେ, ଦେଶର ସମ୍ପତିକୁ ଅଧିକାରୀ ନେତା ଓ ଅସାଧୁ ବେପାରୀ ମିଳିତ ଭାବେ ସର୍ବସ୍ୱ ଲୁଟିନେଲେ । ତେବେ ଅନ୍ୟପଟେ ସମଗ୍ର ଦେଶ ସ୍ୱାଧୀନତା ପୂର୍ବରୁ ପରାଧୀନତାକୁ ମୁକ୍ତିର ଗୋଟିଏ ମନ୍ତ୍ର କଂଗ୍ରେସର ଛତା ତଳେ ଏକହୋଇ ଜପୁଥିବାରୁ ସେଭଳି ସଶକ୍ତ ବିରୋଧୀ ଦେଶ ସ୍ୱାଧୀନ ସମୟରେ ନଥିଲେ । ବ୍ରିଟିଶରଙ୍କ ଦ୍ୱାରା ବାଟଂ ଓ ଶାସନ କର ଯୋଜନା ସ୍ୱରୂପ ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହାକୁ ହିନ୍ଦୁ ଓ ମୁସଲିମ ଭାବେ ଦୁଇଭାଗ କରି ତିନି ଖଣ୍ଡ କରିବାରେ ସେମାନେ ସଫଳ ହୋଇଥିଲେ । ତେବେ ପାକିସ୍ତାନ ଗଠନ ପଛରେ ଥିବା ମୁସଲିମ ଲିଗ ପରେ ଏହାର ଅସ୍ତିତ୍ୱ ହରାଇଥିବାରୁ ପରବର୍ତୀ ପର୍ଯ୍ୟାୟରେ ଭାରତବିରୋଧୀ ତତ୍ୱମାନେ ବାମପନ୍ଥୀ ବିଚାରଧାରାରେ ନିଜ ନିଜର କାୟା ବିସ୍ତାର କରିଚାଲିଲେ । କଂଗ୍ରେସ ସରକାର ନିଜର ଗାଦି ବଂଚାଇବାରେ ଲାଗିଥିଲା ଓ ଅପରପକ୍ଷରେ ଦେଶର ବଡବଡ ପଦପଦବୀକୁ ବାମପନ୍ଥୀ ବୁଦ୍ଧିଜୀବୀମାନେ ମାଡିବସିଥିଲେ । ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଦେଶବିରୋଧୀ ତତ୍ୱକୁ କଂଗ୍ରେସ ସରକାର ଜାଣିଶୁଣି ଅଣଦେଖା କରିଚାଲିଥିଲା । ଯାହାର ଫଳସ୍ୱରୂପ ପରବର୍ତୀ ପର୍ଯ୍ୟାୟରେ ଆଜକୁ ଠିକ ଦୁଇ ଦଶକ ତଳେ ଆଦିବାସୀମାନଙ୍କ ସ୍ୱାର୍ଥ ନାମରେ ବିହାରଝାଡଖଣ୍ଡ ଅଚଂଳର ମାର୍କ୍ସିଷ୍ଟ କମ୍ଯୁନିଷ୍ଟ ସେଟଂର ବା ଏମସିସି ଓ ପିପୁଲ୍ସ ୱ୍ୱାର ଗ୍ରୁପ ବା ପିଡବ୍ଲୁଜି ପରସ୍ପରସହ ହାତମିଳାଇ ମାଓଇଷ୍ଟ କମ୍ଯୁନିଷ୍ଟ ନାମରେ ଉନ୍ମାଦ ଓ ହିଂସାର ମାଓବାଦର ନୂଆ ଆଧାର ସୃଷ୍ଟି କଲେ । ତେବେ ଦିନକୁ ଦିନ ଏହା ଦେଶପାଇଁ ସବୁଠାରୁ ବଡ ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି କରିଥିଲା । ଏକଦା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କହିଥିଲେ ଯେ, ଦେଶପାଇଁ ସବୁଠାରୁ ବଡ ବିପଦ ମାଓବାଦରୁ ହିଁ ଅଛି । ତେବେ ମାଓବାଦ ଉପରେ ବିଗତ ସରକାରମାନ ମଧ୍ୟ ସଶକ୍ତ ଥିଲେ । ଉପା ସରକାର ସମୟରେ ଯେତେବେଳେ ୨୦୦୯-୧୦ ସମୟରେ ଦେଶରେ ମାଓବାଦ ଚରମରେ ଥିଲା ସେତେବେଳେ ଏହାକୁ ଦମନ କରାଯିବା ପାଇଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଯୋଜନା କରିଥିଲେ । କିନ୍ତୁ ଅତ୍ୟନ୍ତ ନିଷ୍ଠାପୂର୍ବକ ଅନେକ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ସାପକୁ ତା ଗାତରୁ କାଢିବା ପାଇଁ ଅତି ଗମ୍ଭୀରତାର ସହ କାର୍ଯ୍ୟ କରିଥିଲେ । ୨୦୧୪-୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଥମରୁ ବିନା ଫୁରସତରେ ଦେଶପାଇଁ କିଛି କାର୍ଯ୍ୟ କରିବାର ପ୍ରବଳ ଆଗ୍ରହ ଥିଲା । ମାଓବାଦକୁ ଦମନ କରିବାକୁ ମୋଦୀ ସରକାର ଅନ୍ୟତମ ମୌଳିକ ଲକ୍ଷ୍ୟ ଭାବେ ସ୍ଥିର କରିଥିଲେ ଓ ୨୦୧୫ରେ ନ୍ୟୁ ଆକ୍ସନ ପ୍ଲାନ ପ୍ରସ୍ତୁତ ହେଲା ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଆମୀତ ସାହା ବିଗତ ଦିନମାନଙ୍କରେ ତାଙ୍କ ଶାସନ କାଳରେ କିପରି ଭାବେ ମାଓବାଦକୁ ଦୃଢ ହସ୍ତରେ ଦମନ କରାଯାଇଛି ତାହାର ତଥ୍ୟ ରଖିଥିଲେ । ୨୦୨୬ ଶେଷସୁଦ୍ଧା ଭାରତ ସରକାର ସମଗ୍ର ଦେଶରୁ ମାଓବାଦକୁ ମୂଳୋତ୍ପାଟନ କରିବାର ଲକ୍ଷ୍ୟ ରଖିଛନ୍ତି । ଏହି କ୍ରମରେ ୨୦୨୨ରେ ମାଓ କାର୍ଯ୍ୟକଳାପ ୭୬ ପ୍ରତିଶତ ହ୍ରାସ ପାଇଥିଲା । ମାଓହିଂସା ମଧ୍ୟ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଛି । ଦେଶରେ ୫୦୦ରୁ ଉର୍ଦ୍ଧ୍ୱ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ୬୦୦ରୁ ଉର୍ଦ୍ଧ୍ୱ ପୋଲିସ ଷ୍ଟେସନକୁ ମାଓବାଦ ବିରୋଧରେ ଲଢିବା ପାଇଁ ସ୍ୱତନ୍ତ୍ର ତାଲିମ ଦିଆଗଲା । କିନ୍ତୁ ବିଗତ ଦିନମାନଙ୍କରେ ମାଓ ମୁଖିଆ ମାନଙ୍କୁ ଖୋଜି ନିପାତ କରିବା ସେତେଟା ସମ୍ଭବ ହେଉନଥିଲା କିନ୍ତୁ ବର୍ତ୍ତମାନ ଏକପ୍ରକାର ମାଓଦୁର୍ଗ ମୁରବୀଶୂନ୍ୟ ହୋଇଯାଇଛି । ସରକାର ମାଓଅଧ୍ୟୁଷିତ ଆଦିବାସୀ ଅଚଂଳରେ ଆଦିବାସୀମାନଙ୍କ ସହ ସେମାନଙ୍କ ପାଇଁ ମେଡିକାଲ, ଶିକ୍ଷା ଓ ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରିଥିଲେ । ମାଓବାଦକୁ ଦମନ କରିବା ପାଇଁ ୧୫୦୦କୋଟି ଟଙ୍କାର ଏକ ବୃହତ ରାଶୀ ମଧ୍ୟ ସରକାରଙ୍କ ତହବିଲରୁ ଖର୍ଚ୍ଚ ହୋଇଥିଲା । ତେବେ ଅନ୍ୟ ଏକ ବଡ ଉପଲବ୍ଧି ସରକାରଙ୍କୁ ମିଳିଥିଲା ରେକର୍ଡ ସଂଖ୍ୟାରେ ମାଓବାଦୀ ମାଓବାଦକୁ ପରିହାର କରି ସମାଜର ମୁଖ୍ୟସ୍ରୋତରେ ମିଶିବା ପାଇଁ ଚେଷ୍ଟା କରୁଛି । ଦେଶର ବିକାଶ ପାଇଁ ଯେପରି ଭାବେଁ ସ୍ୱାକ୍ଷର ହେବା ସମସ୍ତଙ୍କୁ ଆବଶ୍ୟକ ଠିକ ସେହିପରି ଆଦିବାସୀ ଅଚଂଳକୁ ଗମନାଗମନର ବିକାଶ କରି ସେଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବୁନିଆଦି ଢାଚାଂକୁ ପରିବର୍ତନ କରିବା ପରେ ମାଓବାଦ ଏବେ କେବଳ ଆଦର୍ଶବିହୀନ ଓ ଦୃତ ଅବନତୀ କରୁଥିବା ଏକ ଚାନ୍ଦା ଆଦାୟକାରୀ ସଂସ୍ଥାରେ ପାଲଟିଛି । ପୂର୍ବରୁ ବିଦେଶୀ ଏନଜିଓ ସଂସ୍ଥାମାନଙ୍କ ଦ୍ୱାରା ଭାରତବିରୋଧୀ ଶକ୍ତି ଭାବେ ମାଓବାଦକୁ ଗୁପ୍ତ ପ୍ରୋତ୍ସାହନ ଥିବାରୁ ଏହାକୁ ଧିରେ ଧିରେ ସେମାନଙ୍କ ପୁଞ୍ଜିର ସ୍ରୋତ ଉପରେ ଲଗାମ କଷାଯିବାରୁ ଧିରେଧିରେ ମାଓବାଦୀମାନଙ୍କୁ ଆର୍ଥିକ ସହାୟତା ମିଳିବା ବନ୍ଦ ହେବା କାରଣରୁ ଏବେ ମାଓବାଦକୁ ସେଭଳି କେହି ନୂଆଭାବେ ସଦସ୍ୟତା ଗ୍ରହଣ କରୁନାହାଁନ୍ତି ଓ ଦିନକୁ ଦିନ ଏହା ଦୁର୍ବଳ ହେବାରେ ଲାଗିଛି । ମାଓଅଧ୍ୟୁଷିତ ଅଚଂଳରେ ପୂର୍ବରୁ ନିର୍ବାଚନରେ ଶତକଡା ୫୦ ପ୍ରତିଶତ ମଧ୍ୟ ଭାଗ ନେଉନଥିବା ବେଳେ ଏବେ ୭୦ପ୍ରତିଶତ ମତଦାନ ହିଁ ସେଠାରେ ଲୋକେ ମାଓବାଦ ପରି ...

## ମାଗଣା ସଂସ୍କୃତି ୩୦% ଓ ୭୦%

ବିଶ୍ୱର ଇତିହାସ ଓ ସମାଜବିଜ୍ଞାନ ଆଡ଼କୁ ଚାହିଁଲେ ଦେଖାଯାଏ ଯେ, ଶାସକ କିମ୍ବା କ୍ଷମତାସୀନ ଶ୍ରେଣୀ ସବୁବେଳେ ନିଜର ଆଧିପତ୍ୟ ବଜାୟ ରଖିବା ପାଇଁ ସାଧାରଣ ବର୍ଗକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିଥାନ୍ତି । ସମଗ୍ର ପୃଥିବୀରେ 'ମାଗଣା ସଂସ୍କୃତି' କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦିନରୁ ଆରମ୍ଭ ହୋଇନଥିଲା, ବରଂ ଏହାର ଇତିହାସ ବହୁତ ପୁରୁଣା । ରାଜନୈତିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପରେ ଦେଖାଦେଇଛି । ପ୍ରାଚୀନ ରୋମାନ ସାମ୍ରାଜ୍ୟ (ଖ୍ରୀଷ୍ଟପୂର୍ବ ୧୦୦) ସମଗ୍ର ବିଶ୍ୱରେ ମାଗଣା ସଂସ୍କୃତିର ପ୍ରଥମ ଏବଂ ସବୁଠାରୁ ବଡ଼ ଉଦାହରଣ ପ୍ରାଚୀନ ରୋମରେ ଦେଖିବାକୁ ମିଳିଥିଲା । ଏହାକୁ ପାଉଁରୁଟି ଏବଂ ଖେଳ ନୀତି କୁହାଯାଉଥିଲା । ରାଜା ଓ ଶାସକମାନେ ସାଧାରଣ ନାଗରିକଙ୍କୁ ବିଦ୍ରୋହରୁ ଦୂରେଇ ରଖିବା ଏବଂ ନିଜର ଶାସନ ଗାଦି ସୁରକ୍ଷିତ ରଖିବା ପାଇଁ ମାଗଣାରେ ଗହମ/ଖାଦ୍ୟ ଏବଂ ମାଗଣା ମନୋରଞ୍ଜନ (ଗ୍ଲାଡିଏଟର ଲଢ଼େଇ) ଯୋଗାଇ ଦେଉଥିଲେ । ସମାଜରେ ସଦାସର୍ବଦା ଦୁଇଟି ଶ୍ରେଣୀ ଦେଖିବାକୁ ମିଳନ୍ତି,ଗୋଟିଏ କ୍ଷମତାସୀନ ଅଳ୍ପସଂଖ୍ୟକ ଶ୍ରେଣୀ (୩୦%) ଏବଂ ଅନ୍ୟଟି ସାଧାରଣ ବହୁସଂଖ୍ୟକ ଶ୍ରେଣୀ (୭୦%) । ଚାଲାକ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜର ସୁବିଧା-ସୁଯୋଗ ଓ କ୍ଷମତାକୁ ଚିରସ୍ଥାୟୀ କରିବା ପାଇଁ ବହୁସଂଖ୍ୟକ ଲୋକଙ୍କୁ ସଚେତନ ହେବାକୁ ଦିଅନ୍ତି ନାହିଁ । ଏହି ନିୟନ୍ତ୍ରଣ ପ୍ରକ୍ରିୟା ମୁଖ୍ୟତଃ ତିନୋଟି ମାଧ୍ୟମରେ କାର୍ଯ୍ୟ କରେ, ଗୁଣାତ୍ମକ ଶିକ୍ଷାର ଅଭାବ, ମାଗଣା ଯୋଜନାର ଜାଲ ଏବଂ ଧର୍ମାନ୍ଧତା । ପ୍ରଥମତଃ, ସାଧାରଣ ଲୋକଙ୍କୁ ପ୍ରକୃତ ଓ ଗୁଣାତ୍ମକ ଶିକ୍ଷାରୁ ବଚିଂତ ରଖାଯାଏ । ଶିକ୍ଷା ମଣିଷକୁ ପ୍ରଶ୍ନ କରିବାର ଶକ୍ତି ଦିଏ । ଯେତେବେଳେ ଜଣେ ବ୍ୟକ୍ତି ସାମାଜିକ ଓ ଅର୍ଥନୈତିକ ଅସମାନତା ଉପରେ ପ୍ରଶ୍ନ କରେ, ସେତେବେଳେ କ୍ଷମତାସୀନ ଶ୍ରେଣୀର ଭିନ୍ନିପ୍ରସ୍ତର ହଲିଯାଏ । ତେଣୁ ଶିକ୍ଷା ବ୍ୟବସ୍ଥାକୁ ଏପରି କରାଯାଏ ଯେପରି ତାହା କେବଳ କାଗଜପତ୍ରର ଡିଗ୍ରୀ ଦେବ, କିନ୍ତୁ ବିଚାରଶୀଳତା ବା ଯୁକ୍ତିଶକ୍ତି ଦେବନାହିଁ । ଦ୍ୱିତୀୟତଃ, ଆତ୍ମନିର୍ଭରଶୀଳତା ବଦଳରେ 'ମାଗଣା ସଂସ୍କୃତି' କୁ ପ୍ରୋତ୍ସାହିତ କରାଯାଏ । ରୋଜଗାର ଓ ନିଯୁକ୍ତି ସୃଷ୍ଟି କରିବା ପରିବର୍ତ୍ତେ ସାମାନ୍ୟ ସରକାରୀ ସାହାଯ୍ୟ ବା ମାଗଣା ଯୋଜନା ବାଟିଂ ଲୋକଙ୍କୁ ନିର୍ଭରଶୀଳ କରି ରଖାଯାଏ । ଏହାଦ୍ୱାରା ଲୋକମାନେ ନିଜର ମୌଳିକ ଅଧିକାର ଓ ସ୍ଥାୟୀ ବିକାଶ ପାଇଁ ଦାବି କରିବା ପରିବର୍ତ୍ତେ, ମାଗଣାରେ ମିଳୁଥିବା ସୁବିଧାରେ ସନ୍ତୁଷ୍ଟ ରହିଯାନ୍ତି । ତୃତୀୟତଃ, ଧର୍ମ ଓ ଆବେଗକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଏ । ଯେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ଅର୍ଥନୀତି ପରି ମୌଳିକ ପ୍ରଶ୍ନ ସାମ୍ନାକୁ ଆସେ, ସେତେବେଳେ ଧର୍ମାନ୍ଧତା ଓ ସାମ୍ପ୍ରଦାୟିକ ଭାବନାକୁ ଉସୁକାଇ ଲୋକଙ୍କ ଧ୍ୟାନ ହଟାଇ ଦିଆଯାଏ । ଭୟ ଓ ଭାବପ୍ରବଣତା ମଧ୍ୟରେ ବାନ୍ଧିହୋଇ ସାଧାରଣ ଲୋକେ ନିଜର ପ୍ରକୃତ ଶୋଷକଙ୍କୁ ଚିହ୍ନିପାରନ୍ତି ନାହିଁ । ଭେନେଜୁଏଲାର ଉଗୋ ଚାଭେଜ୍‌ଙ୍କ ଶାସନ କାଳରେ ତେଲ ବିକ୍ରିରୁ ମିଳୁଥିବା ମୋଟା ଅଙ୍କର ରାଜସ୍ୱକୁ ବ୍ୟବହାର କରି ଲୋକଙ୍କୁ ମାଗଣା ଘର, ମାଗଣା ଖାଦ୍ୟ, ମାଗଣା ସ୍ୱାସ୍ଥ୍ୟସେବା ଏବଂ ଅତ୍ୟଧିକ ସବସିଡି ଦିଆଯାଇଥିଲା । ପ୍ରାରମ୍ଭରେ ଏହା ଲୋକପ୍ରିୟ ହୋଇଥିଲେ ବି, ପରବର୍ତୀ ସମୟରେ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା ଏବଂ ଦେଶ ଭୀଷଣ ଆର୍ଥିକ ସଙ୍କଟ ର ସମ୍ମୁଖୀନ ହୋଇଥିଲା । ନିର୍ବାଚନ ଜିତିବା ଏବଂ କ୍ଷମତାରେ ରହିବା ପାଇଁ ରାଜନୈତିକ ଦଳଗୁଡ଼ିକ ପାଇଁ ମାଗଣା ପ୍ରତିଶ୍ରୁତି ସବୁଠାରୁ ସହଜ ବାଟ । ଗରିବ ଓ ନିମ୍ନ ମଧ୍ୟବିତ ଲୋକଙ୍କ ଆବଶ୍ୟକତା କମ୍ ସମୟ ମଧ୍ୟରେ ପୂରଣ କରିବା ପାଇଁ ଏହା ଏକ ପପୁଲିଷ୍ଟ ଉପାୟ । ନିଯୁକ୍ତି, ଶିକ୍ଷା ଏବଂ ଭିନ୍ନିଭୂମି ନିର୍ମାଣ କରିବା ପାଇଁ ବହୁତ ସମୟ ଓ ପରିଶ୍ରମ ଲାଗେ । ସେଥିପାଇଁ ନେତାମାନେ ସହଜ ରାସ୍ତା ନେଇ ମାଗଣା ଜିନିଷ ବାଟିଂବାକୁ ଶ୍ରେୟସ୍କର ମଣନ୍ତି । ଲୋକମାନେ ମଧ୍ୟ ଦୀର୍ଘକାଳୀନ ବିକାଶ ଅପେକ୍ଷା ତତ୍କାଳ ମିଳୁଥିବା ସୁବିଧାକୁ ଅଧିକ ପସନ୍ଦ କରନ୍ତି । ଯେପର୍ଯ୍ୟନ୍ତ ଏହି ୭୦% ସାଧାରଣ ଜନତା ମାଗଣା ସୁବିଧା ଓ ଆବେଗପୂର୍ଣ୍ଣ ମୁଦ୍ଦାରୁ ଉପରକୁ ଉଠି ନିଜର ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅଧିକାର ବିଷୟରେ ସଚେତନ ନ ହୋଇଛନ୍ତି, ସେପର୍ଯ୍ୟନ୍ତ ଏହି ଶୋଷଣର ଚକ୍ରବ୍ୟୁହ ଚାଲୁରହିବ । ସଚେତନତା ଓ ପ୍ରକୃତ ଶିକ୍ଷା ହିଁ ଏହି ନିୟନ୍ତ୍ରଣରୁ ମୁକ୍ତିର ଏକମାତ୍ର ପଥ । **( ଏ. ଆର. ଖାନ ,କେନ୍ଦୁଝର )**

## କେନ୍ଦୁଝରରେ ଜଙ୍ଗଲକ୍ଷୟ ଓ ରକ୍ଷଣାବେକ୍ଷଣ ଏକ ପ୍ରଶ୍ନବାଚୀ

ଭାରତୀୟ ଅରଣ୍ୟ ସର୍ବେକ୍ଷଣ ର ରିପୋର୍ଟ ଅନୁସାରେ, କେନ୍ଦୁଝର ଜିଲ୍ଲାର ମୋଟ ଭୌଗୋଳିକ ଆୟତନ ତୁଳନାରେ ଜଙ୍ଗଲ ଜମିର ପରିମାଣ ଓ ଶତାଂଶ ୧୯୯୦ - ୨୦୦୦ ମଧ୍ୟରେ ଜଙ୍ଗଲ ଆଚ୍ଛାଦନ ୧୯୯୦ ଦଶକ ଶେଷ ଆଡ଼କୁ କେନ୍ଦୁଝର ଜିଲ୍ଲାରେ ପ୍ରାୟ ୩,୫୪୩ ବର୍ଗ କିଲୋମିଟର ଅଚଂଳରେ ଜଙ୍ଗଲ ଥିଲା । ଏହା ଜିଲ୍ଲାର ମୋଟ ଭୌଗୋଳିକ ଆୟତନର ପ୍ରାୟ ୪୨.୭% ରୁ ୪୩% ଥିଲା । ୨୦୦୧ - ୨୦୨୫ ମଧ୍ୟରେ (ସାମ୍ପ୍ରତିକ ଆକଳନ)ସାମ୍ପ୍ରତିକ ଇଣ୍ଡିଆ ଷ୍ଟେସ୍/ ରଫଓ ରିପୋର୍ଟ (୨୦୨୧-୨୦୨୩/ ୨୪ ଆକଳନ) ଅନୁସାରେ, ବର୍ତ୍ତମାନ କେନ୍ଦୁଝର ଜିଲ୍ଲାରେ ଜଙ୍ଗଲ ଆଚ୍ଛାଦିତ ଅଚଂଳ ପ୍ରାୟ ୩,୧୮୯ ବର୍ଗ କିଲୋମିଟର ରହିଛି । ଏହା ଜିଲ୍ଲାର ମୋଟ ଆୟତନର ପ୍ରାୟ ୩୮.୪% ଅଟେ । ୧୯୯୦-୨୦୦୦ ଦଶକ ତୁଳନାରେ ଗତ ଦୁଇ ଦଶନ୍ଧି (୨୦୦୧-୨୦୨୫) ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ଜଙ୍ଗଲ ଆଚ୍ଛାଦନ ପ୍ରାୟ ୪% ରୁ ୪.୫% ହ୍ରାସ ପାଇଛି ।ଖଣି ଖନନ, ନଗରୀକରଣ, ଓ ଶିଳ୍ପାୟନ ଯୋଗୁଁ କିଛି ସ୍ଥାନରେ ଘଚଂ ଜଙ୍ଗଲର ପରିମାଣ କମିଥିଲେ ହେଁ, ସାମାଜିକ ବନୀକରଣ ଓ ଜଙ୍ଗଲ ସୁରକ୍ଷା ପ୍ରଚେଷ୍ଟା ଯୋଗୁଁ ଜିଲ୍ଲାରେ ଏବେବି ପ୍ରାୟ ୩୮% ରୁ ଅଧିକ ଅଚଂଳ ଜଙ୍ଗଲ ଘେରରେ ରହିଛି । ଖଣି ଆଚ୍ଛାଦିତ ଜିଲ୍ଲା ହୋଇଥିବାରୁ, ଏହି ଦୁଇ ଦଶନ୍ଧି ମଧ୍ୟରେ କେନ୍ଦୁଝର ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ଓ ଫଣ୍ଡ ମାଧ୍ୟମରେ ବିନିଯୋଗ କରାଯାଇଛି । କମ୍ପେନସେଟରୀ ଆଫୋରେଷ୍ଟେସନ୍ ଫଣ୍ଡଖଣି ଓ ଶିଳ୍ପ ପାଇଁ ଜଙ୍ଗଲ ଜମି ଦିଆଯିବା ବଦଳରେ କ୍ଷତିପୂରଣ ବାବଦରେ 'ଉଇଗଚଇ' ପାଣ୍ଠି ସୃଷ୍ଟି ହୋଇଥିଲା । ଓଡ଼ିଶାରେ ଉଇଗଚଇ ର ସବୁଠାରୁ ବଡ଼ ଅଂଶ କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ବିନିଯୋଗ ହୋଇଥାଏ । ପ୍ରତିବର୍ଷ ବାର୍ଷିକ କାର୍ଯ୍ୟକାରୀ ଯୋଜନା ମାଧ୍ୟମରେ କେନ୍ଦୁଝର ଜିଲ୍ଲା ଆଚଂଳିକ ବନଖଣ୍ଡ କୁ କୋଟି କୋଟି ଟଙ୍କା ମିଳିଥାଏ । ଓଡ଼ିଶା ମିନେରାଲ୍ ବେୟାରିଂ ଏରିଆଜ୍ ଡେଭେଲପମେଣ୍ଟ କୋର୍ପୋରେସନ୍୨୦୧୪ ପରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଖଣି କ୍ଷତିପୂରଣ ଟଙ୍କାରୁ ଡଗଇଇଉଡ ପାଣ୍ଠି ଗଠନ କରାଯାଇଥିଲା । ଏହି ପାଣ୍ଠିରୁ ଜଙ୍ଗଲର ପୁନରୁଦ୍ଧାର, ବନୀକରଣ, ଜଳସେଚନ ଓ ପରିବେଶ ସୁରକ୍ଷା ପାଇଁ କେନ୍ଦୁଝର ଜିଲ୍ଲାରେ ବିଶାଳ ପରିମାଣର ଅର୍ଥ ଖର୍ଚ୍ଚ କରାଯାଇଛି । ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେସନ୍ ରୁ ମଧ୍ୟ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ଜଳ ବିଭାଜିକା ପ୍ରକଳ୍ପ ପାଇଁ ଅଲଗା ବଜେଟ୍ ବ୍ୟବସ୍ଥା କରାଯାଏ ।'ଆମ ଜଙ୍ଗଲ ଯୋଜନା' ନରେଗା ମାଧ୍ୟମରେ ବନୀକରଣ, ଏବଂ ଜାତୀୟ ସବୁଜ ମିଶନ୍ ରୁ ଅର୍ଥରାଶି ଆସିଥାଏ । ଖଣି ପାଇଁ ନଷ୍ଟ ହୋଇଥିବା ଜଙ୍ଗଲ ବଦଳରେ ଅନ୍ୟ ସ୍ଥାନରେ ନୂତନ ଗଛ ଲଗାଇବା । ଜଙ୍ଗଲ ନିଆଁ ରୋକିବା, 'ଭାନୁଆଡ୍' ଓ ବନ ସୁରକ୍ଷା ସମିତି କୁ ଅର୍ଥପ୍ରଦାନ । ହାତୀ ଚଳପ୍ରଚଳ ଟ୍ରାକିଂ, ଖାଇ, ସୋଲାର ଫେନ୍ସିଂ ଓ କ୍ଷତିପୂରଣ । ନଦୀକୂଳ ବନୀକରଣ, ପାହାଡ଼ିଆ ଅଚଂଳରେ ଚାରାରୋପଣ ଓ ଫଳଗଛ ଲଗାଇବା । ୨୦୦୧-୨୦୨୫ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବନୀକରଣ ଓ ପରିବେଶ ସୁରକ୍ଷା ନାମରେ ଶହ ଶହ ରୁ ହଜାରେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ ହୋଇସାରିଛି । ତେବେ ଖଣି ଖନନର ପ୍ରଭାବ ଅଧିକ ଥିବାରୁ ପ୍ରାକୃତିକ ଘଚଂ ଜଙ୍ଗଲ ପୂର୍ବପରି ସମ୍ପୂର୍ଣ୍ଣ ଭରଣା ହୋଇପାରିନାହିଁ । କେନ୍ଦୁଝର ଜିଲ୍ଲାରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ ପାଇଁ ବିଗତ ଦୁଇ ଦଶନ୍ଧିରେ ଅନେକ ସରକାରୀ, ବନ ବିଭାଗୀୟ ଓ ସାମାଜିକ ଜନସଚେତନତା ଅଭିଯାନ କରାଯାଇଛି । ତେବେ ଏହି ସଚେତନତା ଅଭିଯାନଗୁଡ଼ିକର ସୁଫଳ କେତେକ କ୍ଷେତ୍ରରେ ବେଶ୍ ଆଶାଜନକ ହୋଇଥିବା ବେଳେ ଅନ୍ୟ କେତେକ କ୍ଷେତ୍ରରେ ସୀମିତ ରହିଯାଇଛି ।ଏହାର ବାସ୍ତବ ପ୍ରଭାବକୁ ଦୁଇଟି ମୁଖ୍ୟ ଦିଗରୁ ଦେଖାଯାଇପାରେ:ସଫଳତା ଓ ସକାରାତ୍ମକ ପ୍ରଭାବ ବନ ସୁରକ୍ଷା ସମିତି ର ସକ୍ରିୟତା 'ଆମ ଜଙ୍ଗଲ ଯୋଜନା' ଓ ଜନସଚେତନତା ଯୋଗୁଁ ଜିଲ୍ଲାର ଶହ ଶହ ଗ୍ରାମରେ ଗ୍ରାମବାସୀମାନେ ବନ ସୁରକ୍ଷା ସମିତି ଗଠନ କରି ଜଙ୍ଗଲ ଜଗିବା ଆରମ୍ଭ କରିଛନ୍ତି । ସ୍ଥାନୀୟ ଲୋକଙ୍କ ସହଯୋଗ ଯୋଗୁଁ ଅନେକ ସ୍ଥାନରେ ବେଆଇନ ଗଛ କଟା ଓ ଜଙ୍ଗଲ ଜମି ଜବରଦଖଲ କିଛି ମାତ୍ରାରେ ରୋକାଯାଇପାରିଛି । ଜଙ୍ଗଲ ନିଆଁ ନିୟନ୍ତ୍ରଣରେ ଜନସହଯୋଗ, ଗ୍ରୀଷ୍ମଋତୁରେ ଜଙ୍ଗଲରେ ନିଆଁ ଲଗାଇବାର କୁପରିଣାମ ବିଷୟରେ ଗ୍ରାମାଚଂଳରେ ସଚେତନତା ସୃଷ୍ଟି କରାଯିବା ଦ୍ୱାରା, ସ୍ଥାନୀୟ ଯୁବକ ଓ ସେଚ୍ଛାସେବୀମାନେ ନିଆଁ ଲିଭାଇବାରେ ବନ ବିଭାଗକୁ ପ୍ରତ୍ୟକ୍ଷ ସାହାଯ୍ୟ କରୁଛନ୍ତି । ବ୍ୟାପକ ବୃକ୍ଷରୋପଣ ଓ ସାମାଜିକ ବନୀକରଣ ସ୍କୁଲ, କଲେଜ, ସରକାରୀ ଆବାସିକ ଅଚଂଳ ଏବଂ ସାଧାରଣ ସ୍ଥାନଗୁଡ଼ିକରେ ବୃକ୍ଷରୋପଣ ଅଭିଯାନ ଯୋଗୁଁ ଆଜିର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷାକୁ ନେଇ ଆଗ୍ରହ ବୃଦ୍ଧି ପାଇଛି ।ଚ୍ୟା ଲେଞ୍ଜ ଓ ସୀମାବଦ୍ଧତା ଖଣି ଖନନର ପ୍ରଭାବ ତୁଳନାରେ ସଚେତନତା ନଗଣ୍ୟ, ଜିଲ୍ଲାରେ ବ୍ୟାପକ ଲୁହାପଥର ଓ ମାଙ୍ଗାନିଜ୍ ଖଣି ଖନନ ଯୋଗୁଁ ହଜାର ହଜାର ହେକ୍ଟର ପ୍ରାକୃତିକ ଘଚଂ ଜଙ୍ଗଲ ନଷ୍ଟ ହୋଇଛି । କେବଳ ଗଛ ଲଗାଇବା ବା ସଚେତନତା କରିବା ଦ୍ୱାରା ଶହ ଶହ ବର୍ଷର ପ୍ରାକୃତିକ ଜଙ୍ଗଲ ଓ ତାର ଜୈବବିବିଧତା କୁ ତୁରନ୍ତ ଫେରାଇ ଆଣିବା ସମ୍ଭବ ହେଉନାହିଁ । ହାତୀ-ମଣିଷ ସଂଘର୍ଷର ଅବ୍ୟାହତ ରହିବା : ଜଙ୍ଗଲର ନିରବଚ୍ଛିନ୍ନତା ଭାଙ୍ଗିଯିବା ଯୋଗୁଁ ହାତୀମାନେ ଗାଁ ଓ ଜନବସତି ମୁହାଁ ହେଉଛନ୍ତି । ଜନସଚେତନତା ସତ୍ତ୍ୱେ ହାତୀ-ମଣିଷ ସଂଘର୍ଷ ଓ ଫସଲ ହାନି ସମ୍ପୂର୍ଣ୍ଣ ରୋକାଯାଇ ପାରିନାହିଁ । କେବଳ 'ସଚେତନତା' ବଦଳରେ 'ବିକଳ୍ପ ଜୀବିକା'ର ଅଭାବ, ଜଙ୍ଗଲ ଉପରେ ନିର୍ଭର କରୁଥିବା ଜଙ୍ଗଲିଆ ଗ୍ରାମଗୁଡ଼ିକର ଲୋକଙ୍କୁ ସଚେତନ କରିବା ସହ ସ୍ଥାୟୀ ରୋଜଗାର ନଦେଲେ, ସେମାନେ ବାଧ୍ୟ ହୋଇ କାଠ କାଟିବା କିମ୍ବା ଜଙ୍ଗଲ ଦ୍ରବ୍ୟର ଅସଂଯମ ବ୍ୟବହାର କରିବାକୁ ବାଧ୍ୟ ହୁଅନ୍ତି ।ଜିଲ୍ଲାରେ ଜନସଚେତନତା ଅଭିଯାନ ସାଧାରଣ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବାରେ ଆଂଶିକ ସଫଳ ହୋଇଛି । କିନ୍ତୁ କେବଳ ପ୍ରଚାର ଓ ସଚେତନତା ଯଥେଷ୍ଟ ନୁହେଁ; ଖଣି ଅଚଂଳର ବୈଜ୍ଞାନିକ ପୁନରୁଦ୍ଧାର, କଠୋର ଆଇନ ପ୍ରୟୋଗ ଏବଂ ସ୍ଥାନୀୟ ଲୋକଙ୍କୁ ଜୀବିକାର ସ୍ଥାୟୀ ବିକଳ୍ପ ଯୋଗାଇଦେଲେ ହିଁ ଏହାର ପୂର୍ଣ୍ଣ ସୁଫଳ ମିଳିପାରିବ । **( ଏ. ଆର. ଖାନ ,କେନ୍ଦୁଝର )**

## ନୂଆ ଦିଗନ୍ତ ସନ୍ଧାନୀ

ଆମେରିକାରେ, ନୂତନ ଦିଗନ୍ତ ସନ୍ଧାନୀ ଉଚ୍ଚାଭିଳାଷୀ ବୈଜ୍ଞାନିକଙ୍କୁ ରୋକିବା ଲାଗି 'ନାସା' ତା'ର ଦ୍ୱାର କିଳି ଦେଇ ନାହିଁ; ବରଂ ସେମାନଙ୍କ ଅଭିଜ୍ଞତା ଓ ଦକ୍ଷତାର ସଂପ୍ରସାରଣକୁ ସୁଯୋଗ ଦେଇ ଏକ ସଂକରଧର୍ମୀ କର୍ମ ସଂସ୍କୃତି ସୃଷ୍ଟି କରିଛି, ଯହିଁରେ ସେମାନେ ଏକାଧିକ ସ୍ଥାନରେ କାର୍ଯ୍ୟରତ, ଠିକ୍ ? 'କନସଲଟା['ମାନଙ୍କ ଭଳି; ଯେମିତି ସିଗଲଙ୍କ ମଧ୍ୟରେ ଜନାଥନ ଲିଭିଂଷ୍ଟୋନ ! ଭାରତ ସକାଶେ ମଧ୍ୟ ସମସ୍ୟା ସମାଧାନର ସୂତ୍ରଟିଏ ଏଥିରେ ରହିଛି । ମହାକାଶ ବିଜ୍ଞାନ ଗବେଷଣା ଓ ପ୍ରଯୁକ୍ତି କ୍ଷେତ୍ରରେ ବିଦ୍ୟମାନ ସରକାରୀ ତଥା ଶୀର୍ଷତମ ଓ ସର୍ବାଧିକ ମର୍ଯ୍ୟାଦାବନ୍ତ ଅନୁଷ୍ଠାନ 'ଇସ୍ରୋ' (ଇଣ୍ଡିଆନ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ)ରୁ ଗୋଟିଏ ବର୍ଷରେ ୧୨୦ ଜଣ ସର୍ବୋଚ୍ଚ ସ୍ତରୀୟ ('ଏ' କାଟାଗରି) ବୈଜ୍ଞାନିକଙ୍କ ଅନ୍ୟତ୍ର ପଳାୟନ କେବଳ ଚାଚଂଲ୍ୟ ସୃଷ୍ଟି କରିନାହିଁ, ଭାରତୀୟ ମହାକାଶ ଗବେଷଣାର ଭବିଷ୍ୟତ ନେଇ ମଧ୍ୟ ଚିନ୍ତାର କାରଣ ହେଲାଣି । ଯଦିଓ, ଏ ପରିପ୍ରେକ୍ଷୀରେ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ କହିଥାଏ ଯେ ଏଭଳି 'ଯିବା ଆସିବା' ଏକ ସାଧାରଣ ବ୍ୟାପାର, ସରକାରଙ୍କ ବିବ୍ରତବୋଧର ସଂକେତ ହେଲା ଜାରି ହୋଇଥିବା ଏକ ସରକାରୀ ନିର୍ଦ୍ଦେଶନାମା, ଯହିଁରେ କୁହାଯାଇଛି ଯେ 'ଏ' କାଟାଗରିର ବୈଜ୍ଞାନିକମାନଙ୍କ ଇସ୍ତଫା ପ୍ରଦାନ ବା ସ୍ୱେଚ୍ଛାକୃତ ଅବସର ସମ୍ବନ୍ଧୀୟ ଆବେଦନର ବିଚାର ସଂପୃକ୍ତ ପ୍ରାତିଷ୍ଠାନିକ ସ୍ତରରେ ନ ହୋଇ ଏଣିକି କେନ୍ଦ୍ର ମନ୍ତ୍ରାଳୟରେ ହେବ । ଏଭଳି ସ୍ଥଳେ, କ୍ୟାରିଅର ବା ଜୀବନ ଧାରାରେ ପରିବର୍ତ୍ତନ ଚାହୁଁଥିବା ବୈଜ୍ଞାନିକମାନଙ୍କ ଗତିପଥ ଏହି ଆଦେଶ ଦ୍ୱାରା ଅବରୁଦ୍ଧ ହୋଇଯିବ ବୋଲି ଧାରଣା ସୃଷ୍ଟି ହୋଇଥିବା ବେଳେ ଏହାକୁ ଭ୍ରାନ୍ତ ବୋଲି ଦର୍ଶାଇ ସରକାର କହିଛନ୍ତି ଯେ ସଂବେଦନଶୀଳ ପ୍ରସଙ୍ଗରେ ଠିକଣା ନିଷ୍ପତ୍ତି ନେବା ସକାଶେ ଏଭଳି ପଦକ୍ଷେପ ଆବଶ୍ୟକ ହୋଇଥାଏ । ପ୍ରଶ୍ନ ଉଠିଥାଏ ଯେ ବିଚକ୍ଷଣ ବୈଜ୍ଞାନିକମାନେ କେଉଁଠାକୁ ଯାଉଛନ୍ତି ? ଉତ୍ତର ହେଲା, ୨୦୨୦ ମସିହାରେ, ମହାକାଶ ବିଜ୍ଞାନ ଆଇନରେ ଏକ ଯୁଗାନ୍ତକାରୀ ସଂସ୍କାର ଅଣାଯିବା ପରେ, ମହାକାଶ ଗବେଷଣା ଓ ପ୍ରଯୁକ୍ତି କ୍ଷେତ୍ର ଘରୋଇ ଉଦ୍ୟୋଗ ସକାଶେ ଉନ୍ମୁକ୍ତ ହୋଇଥିବାରୁ, ବୈ ?ଜ୍ଞାନିକମାନେ ସେଠାକୁ ଯାଉଛନ୍ତି । ପ୍ରକାଶ ଥାଉ କି ମହାକାଶ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସଂପ୍ରତି ପ୍ରାୟ ୪୦୦ ସରିକି 'ଷ୍ଟାର୍ଟଅପ' କଂପାନି ସେମାନଙ୍କ ପରାକାଷ୍ଠା ପ୍ରଦର୍ଶନ ଲାଗି ଉଦ୍‌ଗ୍ରୀବ, ଯେଉଁଗୁଡ଼ିକ ୫୦୦ ନିଯୁତ ଡଲାର ପରିମିତ ବିନିବେଶ ଲାଭ କରି ସାରିଲେଣି ଏବଂ ଯାହା ଏହି ବୈଜ୍ଞାନିକମାନଙ୍କ ସକାଶେ ନୂତନ ବିକଳ୍ପ ଓ ଦିଗନ୍ତର ସମ୍ଭାବନା ସୃଷ୍ଟି କରିଛି । ଏଭଳି ସ୍ଥିତିରେ ଘରୋଇ ଅନୁଷ୍ଠାନଗୁଡ଼ିକରେ ମିଳୁଥିବା କେଇ ଗୁଣ ଅଧିକ ବେତନ ବା ଉତ୍କର୍ଷକୁ ମହନ୍ତ୍ୱ ଓ ନୂତନ ଚିନ୍ତନକୁ ରୂପ ଦେବାରେ ପ୍ରଚୁର ସ୍ୱାଧୀନତା କିମ୍ବା ଅନ୍ତରୀଣ ରାଜନୀତିରୁ ମୁକ୍ତ ଅନୁକୂଳ କାର୍ଯ୍ୟ ପରିବେଶ ଇତ୍ୟାଦି ଆକର୍ଷଣର କେନ୍ଦ୍ର ପାଲଟିଛି । ପୂର୍ବରୁ ଏହା ପ୍ରମାଣିତ ଯେ ବ୍ୟାଙ୍କିଙ୍ଗ ହେଉ ବା ଚିକିତ୍ସା ସେବା ବା ଉଚ୍ଚ ଶିକ୍ଷା କ୍ଷେତ୍ର, ଯେଉଁ କ୍ଷେତ୍ରରୁ ସରକାରୀ ଏକଚାଟିଆର ଅବଲୁପ୍ତି ହୋଇ ଘରୋଇ ଉଦ୍ୟୋଗର ପ୍ରବେଶ ଘଟିଛି, ତହିଁରେ ଅଭିଜ୍ଞ ଓ ବିଚକ୍ଷଣମାନଙ୍କ ସୀମାନ୍ତ ଅତିକ୍ରମ ମଧ୍ୟ ପରିଦୃଷ୍ଟ ହୋଇଛି । ନିକଟରେ, ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା କିଭଳି ୨୦୨୩ରୁ ୨୦୨୫ ମଧ୍ୟରେ ଭାରତର ସର୍ବାଧିକ ସମ୍ମାନାସ୍ପଦ ଡାକ୍ତରଖାନା, ଦିଲ୍ଲୀସ୍ଥିତ 'ଏମ୍ସ'ରୁ ୧୫ ଜଣ ଶୀର୍ଷ ସ୍ଥାନୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତ ଚିକିତ୍ସା ବିଶେଷଜ୍ଞ ବିଭିନ୍ନ ଘରୋଇ ହାସପାତାଳକୁ ଚାଲି ଯାଇଛନ୍ତି । ଏଭଳି ସ୍ଥଳେ ସାଧାରଣ ଜ୍ଞାନ କହିଥାଏ ଯେ ନୂତନ ଚାରଣ ଭୂମି ଲାଗି ଅର୍ଗଳି ଖୋଲିବା ପୂର୍ବରୁ ନିଜ ପଟକୁ ଅଧିକ ସବୁଜ କରି ରଖିବାର ପ୍ରାକ୍ ପ୍ରସ୍ତୁତି ଆବଶ୍ୟକ; ବସ୍ତୁତଃ ଯାହା ହୋଇପାରିନାହିଁ । ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ବୈଜ୍ଞାନିକମାନଙ୍କ ଈର୍ଷଣୀୟ ବିଚକ୍ଷଣତା ଓ ଦକ୍ଷତା ହେତୁ ମହାକାଶ ଗବେଷଣା ଓ ପ୍ରଯୁକ୍ତି କ୍ଷେତ୍ରରେ ଉଚ୍ଚାଙ୍ଗ ଉପଲବ୍ଧି ହାସଲ କରିଥିବା ପାଚଂ ସଦସ୍ୟ (ଆମେରିକା, ଚୀନ, ରୁଷିଆ, ଜାପାନ ଓ ୟୁରୋପୀୟ ଦେଶ) ସଂବଳିତ 'ବିଶିଷ୍ଟଙ୍କ କ୍ଲବ୍'ରେ ଷଷ୍ଠ ସଦସ୍ୟ ଭାବେ ଭାରତ ଉପସ୍ଥିତ ହୋଇଛି । ତେବେ, ଏହି ପରିପ୍ରେକ୍ଷୀରେ ଯାହା ସର୍ବାଧିକ କୌତୂହଳ ଓ ଚର୍ଚ୍ଚାର ବିଷୟ ହୋଇଛି, ତାହା ହେଲା ଅତ୍ୟନ୍ତ ସଂକୁଚିତ ବଜେଟ୍‌ରେ 'ଇସ୍ରୋ' ଲାଭ କରିଥିବା ଅତୁଳନୀୟ ସଫଳତା । ଉଦାହରଣ ସ୍ୱରୂପ, ୨୦୧୩ ମସିହାରେ ଆରମ୍ଭ ହୋଇଥିବା ମଙ୍ଗଳ ଅଭିଯାନ କ୍ରମରେ, ପ୍ରଥମ ଉଦ୍ୟମରେ ମଙ୍ଗଳ ଗ୍ରହର କକ୍ଷ ପଥରେ 'ଅର୍ବିଟର'କୁ ସଫଳ ଭାବେ ସ୍ଥାପନ କରିବାରେ ବ୍ୟୟ ହୋଇଥିଲା ୭୪ ନିଯୁତ ଡଲାର, ଯାହା ହଲିଉଡ୍‌ର ବିଜ୍ଞାନଧର୍ମୀ ଚଳଚ୍ଚିତ୍ର 'ଗ୍ରାଭିଟି' ବା 'ଇଣ୍ଟରଷ୍ଟେଲାର' ଠାରୁ ମଧ୍ୟ କମ୍ ଏବଂ ଚନ୍ଦ୍ରଯାନଗୁଡ଼ିକ ଠାରୁ ଆରମ୍ଭ କରି ବିଭିନ୍ନ ଉପଗ୍ରହ ପର୍ଯ୍ୟନ୍ତ ସବୁଥିରେ ଏଭଳି ବିସ୍ମୟକର ବିଚକ୍ଷଣତା ଦୃଷ୍ଟିଗୋଚର ହୋଇଥାଏ । ତେବେ, ପ୍ରଶ୍ନ ଉଠିଥାଏ ଯେ ମହାକାଶ ବିଜ୍ଞାନ ଓ ଗବେଷଣାରେ ଉଚ୍ଚାଭିଳାଷୀ ଲକ୍ଷ୍ୟ ସତ୍ତ୍ୱେ ଏକ ସଂକୁଚିତ ବଜେଟ ପ୍ରାବଧାନ ହେତୁ ବୈଜ୍ଞାନିକମାନଙ୍କ ଲାଗି ଏହା ଏକ ବାଧବାଧକତା ହୋଇଯାଏ ନାହିଁ ତ ? ପ୍ରକାଶ ଥାଉ କି ମହାକାଶ କ୍ଷେତ୍ରରେ ଭାରତୀୟ ବଜେଟ ପ୍ରାବଧାନ ହେଉଛି ଜି.ଡି.ପି.ର ମାତ୍ର ୦.୦୪% (ପ୍ରାୟ ୧.୬ ବିଲିଅନ ଡଲାର), ଯେତେବେଳେ କି ଚୀନ ବ୍ୟୟ କରିଥାଏ ତା' ଜି.ଡି.ପି.ର ୦.୧% (୨୦ ବିଲିଅନ ଡଲାର) । ଏଣେ, ଭାରତୀୟ ଜି.ଡି.ପି.ର ପ୍ରାୟ ପାଚଂ ଗୁଣ ହେଉଛି ଚୀନର ଜି.ଡି.ପି. । କହିବାର ତାତ୍ପର୍ଯ୍ୟ ହେଲା, ଅତ୍ୟନ୍ତ ଆକର୍ଷଣୀୟ ସୁଯୋଗ ଦ୍ୱାରଦେଶରେ କରାଘାତ କଲେ ବିରଳ ଶ୍ରେଣୀୟ ଭାରତୀୟ ବିଚକ୍ଷଣତାକୁ ବାନ୍ଧି ରଖିବା କଷ୍ଟକର ହେବ ନାହିଁ କି ? ୨୦୦୨ ମସିହାରେ, ଏଲନ ମସ୍କଙ୍କ ଦ୍ୱାରା 'ସ୍ପେସ ଏକ୍ସ' ସ୍ଥାପିତ ହେବା ପରେ ତା' ଦ୍ୱାରା ଆକର୍ଷିତ ହୋଇ ଅନେକ ତୁଙ୍ଗ ମହାକାଶ ବିଜ୍ଞାନୀ ଓ ଇଂଜିନିଅର 'ନାସା' ଭଳି ପୃଥିବୀ ପ୍ରସିଦ୍ଧ ଓ ଅତୁଲ୍ୟ ଯଶସ୍ୱୀ ଅନୁଷ୍ଠାନକୁ ପରିତ୍ୟାଗ କରି ସର୍ବତ୍ର ଆଲୋଡ଼ନ ସୃଷ୍ଟି କରିଥିଲେ । କିନ୍ତୁ, ଉଦାର ଅର୍ଥନୀତି ଓ ବଜାର ପରିଚାଳିତ ବ୍ୟବସ୍ଥାକୁ ବୁଝିଥିବା ଲୋକେ ଜାଣିଥିଲେ ଯେ ସରକାର ଓ ଘରୋଇ କ୍ଷେତ୍ର ମଧ୍ୟରେ ମୁକାବିଲା ହେଲେ ଏଭଳି ଦୃଶ୍ୟ ପରିଦୃଷ୍ଟ ହେବା ସ୍ୱାଭାବିକ, ଯାହା ଭାରତରେ ମଧ୍ୟ ଘଟୁଛି । ତେବେ, ଏଥିରେ ଚିନ୍ତାକର୍ଷକ ଦିଗଟି ହେଲା, ଅନେକ ବିଚକ୍ଷଣ ବୈଜ୍ଞାନିକ, କେବଳ ଚାକିରି ସକାଶେ ନୁହେଁ, ମହାକାଶ ପ୍ରଯୁକ୍ତି କ୍ଷେତ୍ରରେ ଔଦ୍ୟୋଗିକ ପଦଚିହ୍ନ ରଖିଯିବା ଲାଗି ଏଭଳି ପଦକ୍ଷେପ ନେଇଛନ୍ତି । ସଂପ୍ରତି ଭାରତୀୟ ମହାକାଶ କ୍ଷେତ୍ରରେ ଅଗ୍ରଗଣ୍ୟ ଘରୋଇ ଉଦ୍ୟୋଗ ମଧ୍ୟରେ ଅନ୍ୟତମ 'ସ୍କାଏ ରୁଟ୍‌ସ'ର ପ୍ରତିଷ୍ଠାତା, ମାଡ୍ରାସ ଆଇ.ଆଇ.ଟି. ସ୍ନାତକ, ପବନ ଚନ୍ଦାନା ମଧ୍ୟ 'ଇସ୍ରୋ'ରେ କାର୍ଯ୍ୟ କରିଛନ୍ତି ଏବଂ ସେହି ଅଭିଜ୍ଞତାକୁ ଔଦ୍ୟୋଗିକ ସାମର୍ଥ୍ୟରେ ପରିଣତ କରିବାକୁ ଉଦ୍ୟମଶୀଳ । ଅତଏବ, ସାମର୍ଥ୍ୟ ପ୍ରତିପାଦନର ଦିଗନ୍ତ ଲୋଭନୀୟ ଭାବେ ବିସ୍ତୃତ ହୋଇଛି, ଯାହା ମଧ୍ୟ ଏକ ସୁସମ୍ବାଦ । ରିଚାର୍ଡ ବାକଙ୍କ ସୁପ୍ରସିଦ୍ଧ କ୍ଷୁଦ୍ର ଉପନ୍ୟାସ 'ଜନାଥନ ଲିଭିଂଷ୍ଟୋନ ସିଗଲ୍'ରେ ବର୍ଣ୍ଣିତ ଅଛି, କିଭଳି ଏହି ନାମଧାରୀ ସିଗଲ୍ ପକ୍ଷୀଟି ନିଜ ସାମର୍ଥ୍ୟର ଚୌହଦି, ସ୍ୱାଧୀନତାର ସୀମା ଓ ଅସ୍ତିତ୍ୱର ନୂତନ ଦିଗନ୍ତ ଆବିଷ୍କାର କରିବାକୁ ଯାଇ, ସବୁ ପକ୍ଷୀଙ୍କ ଭଳି ଇତର ଜୀବନ ନ ଜିଇ, ନିଜର ଉଡ଼ିବାର କଳାକୁ ଶାଣିତ କରିବାରେ ବ୍ୟାପୃତ ରହିଛି । ତା'ର ଏଭଳି ଉଚ୍ଚାଭିଳାଷରେ କ୍ଷୁବ୍ ?ଧ ଆପଣା ପକ୍ଷୀଯୂଥ ତାକୁ ଦଳରୁ ତ୍ୟାଜ୍ୟ କରି ଦେଇଛନ୍ତି । କିନ୍ତୁ, ଏକନିଷ୍ଠ ଜନାଥନ ପରିଶେଷରେ ଅପୂର୍ବ ଉଡ଼ାଣ କଳାର ଅଧିକାରୀ ହୋଇଛି ଏବଂ ତା'ର ଅନୁଭୂତି ଓ ଅଭିଜ୍ଞତା ଆଧାରରେ ଅନ୍ୟ ସିଗଲ୍ ପକ୍ଷୀଙ୍କଠାରେ ନୂତନ ସମ୍ଭାବନା ସୃଷ୍ଟି କରିବାରେ ଲାଗିଛି । ଏହି ଗଳ୍ପରେ, ଏଠାରେ ଆଲୋଚ୍ୟ ବିଷୟବସ୍ତୁ ସହିତ କିଛି ସାମଞ୍ଜସ୍ୟ ଦିଶିଥାଏ କି ? ସମସ୍ୟା ସମାଧାନର କୌଣସି ସୂତ୍ର ମିଳିଥାଏ କି ? ଆମେରିକାରେ, ନୂତନ ଦିଗନ୍ତ ସନ୍ଧାନୀ ଉଚ୍ଚାଭିଳାଷୀ ବୈଜ୍ଞାନିକଙ୍କୁ ରୋକିବା ଲାଗି 'ନାସା' ତା'ର ଦ୍ୱାର କିଳି ଦେଇ ନାହିଁ; ବରଂ ସେମାନଙ୍କ ଅଭିଜ୍ଞତା ଓ ଦକ୍ଷତାର ସଂପ୍ରସାରଣକୁ ସୁଯୋଗ ଦେଇ ଏକ ସଂକରଧର୍ମୀ କର୍ମ ସଂସ୍କୃତି ସୃଷ୍ଟି କରିଛି, ଯହିଁରେ ସେମାନେ ଏକାଧିକ ସ୍ଥାନରେ କାର୍ଯ୍ୟରତ, ଠିକ୍ 'କନସଲଟାଂଟ'ମାନଙ୍କ ଭଳି; ଯେମିତି ସିଗଲଙ୍କ ମଧ୍ୟରେ ଜନାଥନ ଲିଭିଂଷ୍ଟୋନ ! ଭାରତ ସକାଶେ ମଧ୍ୟ ସମସ୍ୟା ସମାଧାନର ସୂତ୍ରଟିଏ ଏଥିରେ ରହିଛି ।

## ଦମ୍ ଦେଖାଇବ କଂଗ୍ରେସ

୧୨ ବର୍ଷର ଶାସନ କାଳ ମଧ୍ୟରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଦେଶ ପାଇଁ କଣ କରିଛି ତାହାର ଚିହ୍ନନିଖି ହିସାବ କରିବେ ଜନତା ଓ ନିଷ୍ପେସିତ ଚାଷୀ, ମୂଲିଆ ଓ ମଜଦୁର, ଉପେକ୍ଷିତ ମହିଳା, ନିରାଶ ଯୁବଗୋଷ୍ଠୀ ମଧ୍ୟରେ ଅସନ୍ତୋଷ, ଆକ୍ରୋଷ ଓ ଆନ୍ଦୋଳନର ରୂପ ନେଲାଣି ଓ ସରକାରୀ କଳର ଦୁରୁପଯୋଗ, ପୋଲିସର ବର୍ବରତା ଆଉ ବରଦାସ୍ତ କରିବେନି ଜନତା ଓ ବିକାଶ ନାମରେ ଦେଶର ସମ୍ପତ୍ତିକୁ କେତେକ ନିର୍ଦ୍ଦିଷ୍ଟ ପୁଞ୍ଜିପତିଙ୍କ ହାତରେ ଟେକିଦେଇ ଦେଶର ବିନାଶ କଲେଣି ସରକାର ଓ ଅନ୍ୟ ଦଳର ଭ୍ରଷ୍ଟାଚାରୀ ନେତାଙ୍କୁ ନିଜ ଦଳରେ ଭର୍ତ୍ତିକରିବା, ଭୋଟ ଚୋରି କରିବା ଏପରିକି ମନ୍ଦିରରୁ ଲୁଟିବାରେ ନିର୍ଲଜତାର ସବୁ ସୀମା ପାର କରିସାରିଲେଣି ସରକାର ଓ ହିନ୍ଦୁ ଧର୍ମର ରକ୍ଷା ଓ ଦେଶର ସୁରକ୍ଷା ଆଦି ସମ୍ବେଦନଶୀଳ ପ୍ରସଙ୍ଗରେ ଭାରତୀୟଙ୍କୁ ଭୁଆଁ ବୁଲାଇ କେବଳ ସତା ହାସଲ କରିବା ଲକ୍ଷ୍ୟ ନେଇ କାମ କରୁଛି ମୋଦି ସରକାର ଓ ଅଜସ୍ର ଟିକସ ଧନ ଖର୍ଚ୍ଚ କରି ୨୦୦୪ରୁ ରାହୁଲ ଗାନ୍ଧୀ ଓ ଗାନ୍ଧୀ -ନେହରୁ ପରିବାରକୁ ନୀଚ୍ଚା ଦେଖାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବା ସହିତ ନିଜକୁ ମହାମାନବ, ବିଶ୍ୱଗୁରୁ ରୂପେ ସଜାଇବା ପାଇଁ ଚାଟୁକାର ଗଣମାଧ୍ୟମ ଯାହା କିଛି କରିଛି ତାହା ଗଣତନ୍ତ୍ର ଓ ସମ୍ବିଧାନ ଉଭୟ ପ୍ରତି ଘୋର ବିପଦ ସୃଷ୍ଟି କରିଛି ଓ ବାରମ୍ବାର ନିଟ ପ୍ରଶ୍ନପତ୍ର ଲିକ ଘଟଣାରେ ୨୦ ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ ମଧ୍ୟ ସରକାର ନିରବ ଓ ଜନ୍ତର ମନ୍ତରରେ ଅଭିଜିତ ଦୀପକେ ଓ ସୋନମ ୱାଙ୍ଗଚୁକଙ୍କ ନେତୃତ୍ୱରେ ଲକ୍ଷାଧିକ ଯୁବକ ଏକାଠି ହେବା ଓ ସଂସଦ ଭବନ ପରିସରକୁ ମାର୍ଚ୍ଚ କରିବା ସମୟରେ ବର୍ବର ପୋଲିସର ଲାଠି ଚାର୍ଜ, ଲୁହ ବୁହା ବାଷ୍ପ ପ୍ରୟୋଗ ଯୁବ ସମାଜକୁ ଅଧିକ ଉତ୍ତେଜିତ କରିଛି ଓ ଆଗକୁ ସରକାର - ବିରୋଧୀ ବିରାଟ ଜନ ଆନ୍ଦୋଳନ ବିଜେପି -ଆରଏସଏସର ନିଦ ହଜାଇ ଦେଲାଣି ଓ ବିଜେପି ହଟାଓ, ଦେଶ ବଚାଓ ନାରା ଗଗନ ପବନରେ ପ୍ରକମ୍ପିତ ହେଲାଣି ଓ ଜାତୀୟ କଂଗ୍ରେସର ଆଗଧାଡିର ନେତାମାନେ ଆଗାମୀ ଦିନରେ ୨୮ ଟି ରାଜ୍ୟର ୮୦୦ ସହରରେ ବ୍ୟାପକ ଆନ୍ଦୋଳନ କରିବାର ନିଷ୍ପତି ନେଇଛନ୍ତି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ନୋଏଡା ସେକ୍ଟର ୬୧ର ସ୍ୱର୍ଣ୍ଣ କ୍ଷେତ୍ରରେ ବାହୁଡ଼ାଯାତ୍ରା ଆୟୋଜନ



ନୋଏଡା,୨୫/୭:ନୋଏଡାର ସେକ୍ଟର ୬୧ ସ୍ଥିତ ରୟାଲ ଗାର୍ଡେନ ଇଷ୍ଟେଟ ପରିସରରେ ଅବସ୍ଥିତ ଶ୍ରୀ ସ୍ୱର୍ଣ୍ଣକ୍ଷେତ୍ରଠାରେ ମହାସମାରୋହରେ ବାହୁଡ଼ାଯାତ୍ରା ଉତ୍ସବ ପାଳନ କରାଯାଇଥିବା ଜଣାଯାଇଛି । ଏହି ପବିତ୍ର ପାର୍ବଣ ଉପଲକ୍ଷେ ବଡ଼ି ଭୋରରୁ କମ୍ୟୁନିଟି ସେଣ୍ଟର ସ୍ଥିତ ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଚାରି ଦିଅଁଙ୍କ ସାମ୍ନାରେ ହିନ୍ଦୁ ରୀତିନୀତି ଅନୁଯାୟୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା ।ସକାଳ ୮ ଟା ସମୟରେ ଠାକୁରମାନଙ୍କର ଘୋଡ଼ାଗାଡ଼ି ରଥକୁ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା ।ପ୍ରଥମ ଥର ପାଇଁ ଏଠାରେ ଆୟୋଜିତ ହେଉଥିବା ବାହୁଡ଼ା ଯାତ୍ରାରେ ନୋଏଡାର ସେକ୍ଟର ୬୧, ୫୨, ୫୩ ଓ ୩୩ ରେ ବସବାସ କରୁଥିବା ଓଡ଼ିଆ ଏବଂ ଅଣ-ଓଡ଼ିଆ ପ୍ରାୟ ୨୦୦୦ ଭକ୍ତଙ୍କର ସମାଗମ ଘଟିଥିବା ଦେଖାଯାଇଥିଲା । ହିନ୍ଦୁ ସମ୍ମିଳନୀ ସମିତି, ରୟାଲ ଗାର୍ଡେନ ଇଷ୍ଟେଟ ମନ୍ଦିର ସମିତି ଓ ସାମୁଦାୟିକ ବିକାଶ ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବକୁ କେନ୍ଦ୍ର କରି ଉପସ୍ଥିତ ଶ୍ରଦ୍ଧାଳୁ ଓ ସଙ୍ଗଠକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ ଓ ଉତ୍ସାହ ଦେଖିବାକୁ ମିଳିଥିଲା । ଅନ୍ତରରାଷ୍ଟ୍ରୀୟ ପ୍ରସିଦ୍ଧ ଜ୍ୟୋତିଷାଚାର୍ଯ୍ୟ ଗୁରୁଜୀ ଡ଼ଃ ଗୌତମ ଋଷି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛେରା ପହଁରା କାର୍ଯ୍ୟ ବିଧିମୁତାବକ ସମ୍ପନ୍ନ କରିଥିଲେ ।ଏହାପରେ ସକାଳ ୯ ଟା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଚାରି ଠାକୁର ବିଦ୍ୟମାନ ଥିବା ସୁନ୍ଦର, ସୁଶୋଭିତ ଓ ସୁସଜ୍ଜିତ ଘୋଡ଼ାଗାଡ଼ିଟିକୁ ସେକ୍ଟର ୬୧ ସ୍ଥିତ କମ୍ୟୁନିଟି ସେଣ୍ଟର ଠାରୁ ଶ୍ରୀ ସ୍ୱର୍ଣ୍ଣ କ୍ଷେତ୍ର ରୟାଲ ଗାର୍ଡେନ ଇଷ୍ଟେଟ ପର୍ଯ୍ୟନ୍ତ ନିଆଯାଇଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଭକ୍ତ ଛିଡ଼ା ହୋଇ ଜଗତର ନାଥ ଜଗନ୍ନାଥଙ୍କର ଦର୍ଶନର ସାନ୍ନିଧ୍ୟ ଲାଭ କରି ନିଜକୁ କୃତ୍ୟକୃତ୍ୟ ମଣୁଥିବାର ଦୃଶ୍ୟ ହୃଦୟସ୍ପର୍ଶୀ ଥିଲା । ଚତୁର୍ଦ୍ଧା ମୂର୍ତି ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର , ମାତା ସୁଭଦ୍ରା ଓ ଶ୍ରୀ ସୁଦର୍ଶନ ବାହୁଡ଼ା ଯାତ୍ରା କରି ଦିବା ୧୧ ଟା ସୁଦ୍ଧା ରୟାଲ ଗାର୍ଡେନ ସ୍ଥିତ ଶ୍ରୀ ସ୍ୱର୍ଣ୍ଣକ୍ଷେତ୍ର ମନ୍ଦିରକୁ ଫେରି ଆସିଥିବା ଜଣାଯାଇଛି । ଏଠାରେ ଜୁଲାଇ ୧୬ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ପ୍ରତ୍ୟେକ ସନ୍ଧ୍ୟାରେ ସାହରନପୁରରୁ ଆସିଥିବା ବିଖ୍ୟାତ ବିଦ୍ୱାନ ଆଚାର୍ଯ୍ୟ ଅଜୟ କିରଣ ଭାଗବତ କଥା ଏବଂ ଜଗନ୍ନାଥ ସଂସ୍କୃତିକୁ ଆଧାର କରି ପ୍ରବଚନ ପ୍ରଦାନ କରିଥିଲେ । ନୋଏଡା ମହାନଗରର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଧାର୍ମିକ ସମାବେଶରେ ଯୋଗ ଦେଇଥିଲେ ।ସେଥି ମଧ୍ୟରେ ନୋଏଡା ମହାନଗରର ଭାଜପା ଅଧ୍ୟକ୍ଷ ମହେଶ ଚୌହାନ, ଉପାଧ୍ୟକ୍ଷ ପ୍ରମୋଦ ଭଲ, ଓମବୀର ଆୱାନା, ମଣ୍ଡଳ ଅଧ୍ୟକ୍ଷ ରାମ କିଷାନ ଯାଦବ, ପଙ୍କଜ ଝା, ନୋଏଡାର ପୂର୍ବତନ ବିଧାୟକ ବିମଳା ବାଥମ, ଗୁରୁଜୀ ଗୌତମ ଋଷି, ଯୋଗେନ୍ଦ୍ର ଶର୍ମା, ଏନ ପି ସିଂହ, ଭାରତ ବିକାଶ ପରିଷଦର ଅଧ୍ୟକ୍ଷ ବିକାଶ ଅଗ୍ରୱାଲ, ଡ଼ଃ ରାଜେଶ ସହାୟ, ପୁନିତ ଶର୍ମା ଓ ବିପିନ ମଲ୍‌ହାନ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

# କଲମ ଅନୁଷ୍ଠାନ ପକ୍ଷରୁ କବିତା ବର୍ଷା ଆସର

ସମ୍ବଲପୁର,୨୫/୭(ନି/ପ୍ର): ନବ ଦିଗନ୍ତର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'କଲମ' ପରିବାର ଟ୍ରଷ୍ଟ ପକ୍ଷରୁ କବିତା ଆସର କବିତା ବର୍ଷା- 'ମେଘ ବରଷିଲା ଟୁପୁରୁ ଟାପୁରୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ 'ସାମ୍ବାଦିକ ଭବନ' ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଜଣାଇଥିଲେ । ପରେ ସଭାପତି ତଫିଜୁଲ ହୁସେନ 'କଲମ' ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଶୀତଳଷଷ୍ଠୀ ଅବସରରେ ପ୍ରକାଶିତ 'ପତରପେଁଡ଼ି' ପୁସ୍ତକ ସଫଳତା ପାଇଁ ସମସ୍ତ ସାରସ୍ୱତ ସାଧକ ତଥା ସାହିତ୍ୟ ପ୍ରେମୀ ସଦସ୍ୟ ମାନଙ୍କ ସହଯୋଗ ରହିଥିଲା । ଆଗକୁ ଅନେକ ଲେଖକଙ୍କ ସହଯୋଗରେ 'ମୋର୍ ସମ୍ବଲପୁର' ପୁସ୍ତକ ପ୍ରକାଶ ପାଇବ ବୋଲି ମତପ୍ରକାଶ କରିଥିଲେ । ଏଥିସହ ସମ୍ବଲପୁରର ଇତିହାସ, ବର୍ତ୍ତମାନ, କଳା ସଂସ୍କୃତି, ଖାଦ୍ୟ, ସମ୍ବଲପୁରର ଦର୍ଶନୀୟ ସ୍ଥାନ, ସାହିତ୍ୟ, ଲେଖକ, ନାଟକ, ଖେଳକୁଦ, ଚିତ୍ରଶିଳ୍ପୀ, ଚିତ୍ରକଳା, ଆନ୍ଦୋଳନ, ବିସ୍ଥାପନ ଭଳି ସମସ୍ତ ବିଷୟ ବସ୍ତୁକୁ ନେଇ ୨୫୦ ରୁ ୩୦୦ ପୃଷ୍ଠାର ପୁସ୍ତକ ପ୍ରକାଶନ ଉପରେ କାର୍ଯ୍ୟ ଆରମ୍ଭ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ କ୍ଷ ପରେ ପରେ କଳ୍ପନା ମହାପାତ୍ର, ସିଦ୍ଧି ସ୍ୱରୂପା ପାଢ଼ୀ, ମମତା ନାଥ, ଡ଼ ଅନୁପମା ବିଶ୍ୱାଳ, ସବିତା ମିଶ୍ର, ଅଳକା ମହାପାତ୍ର, ପ୍ରଭଞ୍ଜନ ପୁରୋହିତ, ପ୍ରଦୀପ ପାଣିଗ୍ରାହୀ, ଗୁଣରଞ୍ଜନ ସାଲିମା, କାହ୍ନୁକେଶବ ବହିଦାର, ତ୍ରିଲୋଚନ ତ୍ରିପାଠୀ, ଜୟକୃଷ୍ଣ ବେହେରା, ଶଙ୍କର ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ

# ବଡ଼ବାହାଲ–ସମାସିଂହା ପୂର୍ତ୍ତ ରାସ୍ତାରେ ବିଶାଳ ଆମ୍ବଗଛ ବିପଦପୂର୍ଣ୍ଣ ଅବସ୍ଥାରେ

ଝାରସୁଗୁଡ଼ା,୨୫/୭(ନି/ପ୍ର): ଝାରସୁଗୁଡ଼ା ପୂର୍ତ୍ତ ବିଭାଗ ଅଧୀନ କୋଲାବିରା ବ୍ଲକର ବଡ଼ବାହାଲ ଛକରୁ ସମାସିଂହାକୁ ସଂଯୋଗ କରୁଥିବା ପ୍ରମୁଖ ପୂର୍ତ୍ତ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଶାଳ ଆମ୍ବଗଛ ବର୍ତ୍ତମାନ ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଲୋକ ଓ ଦୈନିକ ଯାତ୍ରୀମାନଙ୍କ ମଧ୍ୟରେ ଗଭୀର ଆଶଙ୍କା ସୃଷ୍ଟି ହୋଇଛି । ସ୍ଥାନୀୟ ସୂଚନା ଅନୁଯାୟୀ, ଗଛଟିର ମୂଳ ଅଂଶର ପ୍ରାୟ ୭୫ ପ୍ରତିଶତ ଭାଗ ଭାଙ୍ଗି ଯାଇଥିବାରୁ ଏହା ସମ୍ପୂର୍ଣ୍ଣ ଦୁର୍ବଳ ଅବସ୍ଥାରେ ରହିଛି । ଫଳରେ ଅଳ୍ପ ବେଗର ପବନ କିମ୍ବା ଲଗାତାର ବର୍ଷା ହେଲେ ଯେକୌଣସି ସମୟରେ ଗଛଟି ରାସ୍ତା ଉପରକୁ ଭାଙ୍ଗି ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି । ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଦୁଇଚକିଆ, ଚାରିଚକିଆ ଯାନ, ସ୍କୁଲ ଛାତ୍ରଛାତ୍ରୀ, ସାଇକେଲ ଆରୋହୀ ଓ ପଦଯାତ୍ରୀ ଯାତାୟାତ କରୁଥିବାରୁ ବିପଦପୂର୍ଣ୍ଣ ଗଛଟି ଯେକୌଣସି ମୁହୂର୍ତ୍ତରେ ବଡ଼ ଦୁର୍ଘଟଣାର କାରଣ ପାଲଟିପାରେ । ବିଶେଷକରି ବର୍ଷା ଋତୁରେ ପବନର ପ୍ରକୋପ ବଢ଼ୁଥିବାରୁ ସ୍ଥିତି ଅଧିକ ଚିନ୍ତାଜନକ ହୋଇପଡ଼ିଛି । ସ୍ଥାନୀୟ ବାସିନ୍ଦାମାନଙ୍କ କହିବା ଅନୁସାରେ, ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ତୁରନ୍ତ ଗଛଟିର ଯାଞ୍ଚ୍ କରାଯାଇ ଆବଶ୍ୟକ ହେଲେ କାଟି ସୁରକ୍ଷିତ ଭାବେ ରାସ୍ତାରୁ ହଟାଇବା ଅତ୍ୟାବଶ୍ୟକ । କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ସଚେତନତା ଅବଲମ୍ବନ କରି ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଅଂଚଳବାସୀ ଓ ରାସ୍ତା ବ୍ୟବହାରକାରୀମାନେ ଝାରସୁଗୁଡ଼ା ପୂର୍ତ୍ତ ବିଭାଗର ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

# ଏଆଇ ଓ ୫ଜି ଯୁଗରେ ମଧ୍ୟ ମୋବାଇଲ ନେଟୱାର୍କରୁ ବଂଚିତ ଖାସବାହାଲ, ଲାଞ୍ଜି ଓ ଦାବ୍ରୀ ପଚାଂୟତ

ନୂଆପଡ଼ା, ୨୫/୭(ନି/ପ୍ର) : ଦେଶ ଆଜି କୃତ୍ରିମ ବୁଦ୍ଧିମତା ଏଆଇ ଓ ୫ଜି ଇଂଟରନେଟ ଓ ଡିଜିଟାଲ ସେବାର ନୂଆ ଯୁଗକୁ ଅତିକ୍ରମ କରୁଥିବା ବେଳେ ନୂଆପଡ଼ା ଜିଲ୍ଲାର ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଖାସବାହାଲ, ଲାଞ୍ଜି ଓ ଦାବ୍ରୀ ପଂଚାୟତର ହଜାର ହଜାର ଲୋକ ଆଜି ମଧ୍ୟ ମୌଳିକ ମୋବାଇଲ ନେଟୱାର୍କ ସୁବିଧାରୁ ବଂଚିତ ରହିଛନ୍ତି । ଅନେକ ଗାଁରେ ମୋବାଇଲରେ କଥା ହେବା ତ ଦୂରର କଥା, ଗୋଟିଏ ସିଗ୍ନାଲ ପାଇବା ପାଇଁ ଲୋକଙ୍କୁ ପାହାଡ଼, ଉଚ୍ଚ ସ୍ଥାନ କିମ୍ବା ଗାଁ ବାହାରକୁ ଯିବାକୁ ପଡୁଛି । ଏହି ତିନୋଟି ପଂଚାୟତର ଅଧିକାଂଶ ଅଂଚଳ ଜଙ୍ଗଲ ଓ ପାହାଡ଼ ଘେରା ହୋଇଥିବାରୁ ଟେଲିକମ୍ କମ୍ପାନୀମାନଙ୍କ ଟାୱାରର ସିଗ୍ନାଲ ଠିକ୍ ଭାବେ ପହଂଚି ପାରୁନାହିଁ । ଫଳରେ ଲୋକମାନେ ଦୈନନ୍ଦିନ ଜୀବନରେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ଆଜି ସରକାରୀ ସେବାଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ, ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଅନଲାଇନ ଆବେଦନ, ଆଧାର ସଂଯୋଗ, ସ୍ୱାସ୍ଥ୍ୟ ସେବା ଓ ଜରୁରୀକାଳୀନ ଯୋଗାଯୋଗ ପର୍ଯ୍ୟନ୍ତ ସବୁକିଛି ମୋବାଇଲ ଓ ଇଂଟରନେଟ ଉପରେ ନିର୍ଭରଶୀଳ । କିନ୍ତୁ ଏହି ଅଂଚଳର ଲୋକମାନେ ନେଟୱାର୍କ ନଥିବାରୁ ଅନଲାଇନ ସେବା ପାଇବାରେ ବହୁତ ଅସୁବିଧା ଭୋଗୁଛନ୍ତି । ବିଶେଷ କରି ଛାତ୍ରଛାତ୍ରୀମାନେ ଅନଲାଇନ ଫର୍ମ ପୂରଣ, ପରୀକ୍ଷା ସମ୍ବନ୍ଧୀୟ ସୂଚନା ଓ ଡିଜିଟାଲ ଶିକ୍ଷାରୁ ବଂଚିତ ହେଉଛନ୍ତି । ଚାଷୀମାନେ ପାଣିପାଗ, ଫସଲ ବୀମା ଓ ସରକାରୀ ଯୋଜନାର ସୂଚନା ସମୟରେ ପାଉନାହାନ୍ତି । ଜରୁରୀ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ କିମ୍ବା ପୋଲିସକୁ ଫୋନ କରିବା ମଧ୍ୟ ଅନେକ ସମୟରେ ସମ୍ଭବ ହୋଇପାରୁନାହିଁ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବହୁବାର ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ନୂତନ ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ । ନିର୍ବାଚନ ସମୟରେ ବିଭିନ୍ନ ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ପରେ ସମସ୍ୟାକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହେଉଛି । ଡିଜିଟାଲ ଇଣ୍ଡିଆର ସ୍ୱପ୍ନକୁ ସାକାର କରିବାକୁ ହେଲେ ଏଭଳି ଗ୍ରାମାଂଚଳରେ ଉନ୍ନତ ମୋବାଇଲ ନେଟୱାର୍କ ଓ ଇଂଟରନେଟ ସୁବିଧା ପହଂଚାଇବା ଅତ୍ୟନ୍ତ ଜରୁରୀ । ଏଆଇ ଓ ୫ଜିର କଥା କହିବା ପୂର୍ବରୁ ଲୋକଙ୍କୁ ଅତି କମରେ ନିରବଚ୍ଛିନ୍ନ ୪ଜି କିମ୍ବା ମୌଳିକ ମୋବାଇଲ ସଂଯୋଗ ମିଳିବା ଆବଶ୍ୟକ । ଏବେ ଖାସବାହାଲ, ଲାଞ୍ଜି ଓ ଦାବ୍ରୀ ପଂଚାୟତବାସୀଙ୍କ ଦାବି ହେଉଛି, ସରକାର ଓ ସମ୍ପୃକ୍ତ ଟେଲିକମ୍ ସଂସ୍ଥା ଶୀଘ୍ର ନୂତନ ମୋବାଇଲ ଟାୱାର ସ୍ଥାପନ କରି ସ୍ଥାୟୀ ନେଟୱାର୍କ ବ୍ୟବସ୍ଥା କରନ୍ତୁ, ଯାହାଦ୍ୱାରା ସେମାନେ ମଧ୍ୟ ଡିଜିଟାଲ ଭାରତର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ।

# ଗଞ୍ଜେଇ ଚାଲାଣକୁ ନେଇ ଚଢ଼ଉ କରିବାକୁ ଆସି ଆକ୍ରମଣର ଶିକାର, ୧୦ରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧଙ୍କୁ ଉଠାଇଲା ପୁଲିସ




ପୁରୁଣାକଟକ,୨୫/୭(ନି/ପ୍ର): ଗଞ୍ଜେଇ ଚାଲାଣକୁ ନେଇ ଗଞ୍ଜେଇ ମାଫିଆଙ୍କ ଟାଙ୍ଗିଆ ଚୋଟରେ ଜଣେ ପୁଲିସ କର୍ମଚାରୀ ଗୁରୁତର । ଗଞ୍ଜେଇ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ଦୁଇ ଜଣ ପୁଲିସ କର୍ମଚାରୀ ଗୁରୁତରହୋଇଛନ୍ତି । ବୌଦ୍ଧ ଥାନା ଅନ୍ତର୍ଗତ ହାଟଗାଁରେ ବିଳମ୍ବିତ ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ଆହତ ତିନି ଜଣ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରାଯାଇ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତିନି ଜଣଙ୍କ ନାଁ ହେଉଛି ଲକ୍ଷ୍ମଣ ମହାକୁଡ଼, ସୌଭାଗ୍ୟ ପ୍ରଧାନ,ଦୀପକ ବେହେରା । ଗଞ୍ଜେଇ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୧ ଟାରେ ହାଟଗାଁରେ ବେଆଇନ ଗଞ୍ଜେଇ କାରବାର ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇ ବୌଦ୍ଧ ଥାନାର ଏକ ୫ ଜଣିଆ ଟିମ୍ ସେଠାରେ ରେଡ୍ କରିବାକୁ ଯାଇଥିଲା । ଏହି ସମୟରେ ଗଞ୍ଜେଇ ମାଫିଆମାନେ ପୁଲିସ ଉପରକୁ ଠେଙ୍ଗା ବାଡ଼ି ଓ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣ କରିବା ପରେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ?ଅନ୍ୟପଟେ ଏହି ଘଟଣାକୁ ନେଇ ପୁଲିସ ହାଟଗାଁର ପ୍ରାୟ ୧୦ ରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି । ଏହି ବେଆଇନ ଗଞ୍ଜେଇ କାରବାର ପଛରେ କାହାର ହାତ ରହିଛି ଏବଂ ଏହା କେବେଠାରୁ ଚାଲିଥିଲା, ସେ ନେଇ ବୌଦ୍ଧ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

# ୫୫୮ କୋଟିର ମେଗା ପାନୀୟ ଜଳ ପ୍ରକଳ୍ପ ଅଧାରେ, ୯୦ ପ୍ରତିଶତ ଅର୍ଥ ପୈଠ ପରେ ବି ଶୁଦ୍ଧ ପାଣିରୁ ବଂଚିତ ହଜାର ହଜାର ଲୋକ

ଝାରସୁଗୁଡ଼ା,୨୫/୭(ନି/ପ୍ର): ରାଜ୍ୟ ସରକାରଙ୍କ ଗ୍ରାମାଂଚଳରେ ଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲ୍ଲାରେ ଆରମ୍ଭ ହୋଇଥିବା ୫୫୮ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନଥିବାରୁ ହଜାର ହଜାର ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ସୁବିଧାରୁ ବଂଚିତ ରହିଛନ୍ତି । ଅଧିକାରୀଙ୍କ ଉଦାସୀନତା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟଶୈଳୀକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ୁଛି । ଜିଲ୍ଲାର କୋଲାବିରା, କିର୍ମିରା, ଲଇକେରା, ଲଖନପୁର ଏବଂ ସଦର ବ୍ଲକର ୪୨ଟି ଗ୍ରାମ ପଂଚାୟତକୁ ଏହି ପ୍ରକଳ୍ପ ଅଧୀନରେ ଆଣାଯାଇଛି । ପ୍ରକଳ୍ପ ପାଇଁ ମୋଟ୍ ୫୫୮ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୪୦ କୋଟି, ଦ୍ୱିତୀୟ ପର୍ଯ୍ୟାୟରେ ୧୦୮.୯ କୋଟି ଏବଂ ତୃତୀୟ ପର୍ଯ୍ୟାୟରେ ୧୦୯.୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା । ଅଭିଯୋଗ ଅନୁଯାୟୀ, ଠିକାଦାରମାନଙ୍କୁ ପ୍ରକଳ୍ପର ମୋଟ୍ ଅର୍ଥର ୯୦ ପ୍ରତିଶତରୁ ଅଧିକ ପୈଠ କରାଯାଇଥିଲେ ମଧ୍ୟ ପ୍ରାୟ ୪୦ ପ୍ରତିଶତ କାର୍ଯ୍ୟ ଏପର୍ଯ୍ୟନ୍ତ ବାକି ରହିଛି । ସୂଚନା ଅନୁସାରେ, ବର୍ତ୍ତମାନ ସୁଦ୍ଧା ୧୪୨ଟି ଗ୍ରାମରେ ପାଇପ୍ ସଂଯୋଗ କାମ ସରିଥିବାବେଳେ ମାତ୍ର ୬୭ଟି ଗ୍ରାମକୁ ନିୟମିତ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇଛି । ସଦର ବ୍ଲକର ୧୬ଟି, କିର୍ମିରାର ୮ଟି, କୋଲାବିରାର ୪ଟି ଏବଂ ଲଇକେରା ବ୍ଲକର ଅଧିକାଂଶ ଗ୍ରାମକୁ ଏପର୍ଯ୍ୟନ୍ତ ପାନୀୟ ଜଳ ପହଂଚି ପାରିନାହିଁ । ସେହିପରି ଲଖନପୁର ବ୍ଲକର ୧୭ଟି ପଂଚାୟତରେ ପ୍ରକଳ୍ପ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାରୁ ଲୋକମାନେ ବିକଳ୍ପ ଭାବେ ୨୦ଟି ଟ୍ୟୁବୱେଲ ଉପରେ ନିର୍ଭର କରୁଛନ୍ତି । ପିଏଚଡି ଓ ପିଡବ୍ଲୁଡି ରାସ୍ତା କାମକୁ ଦର୍ଶାଇ ଠିକାଦାରମାନେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କରୁଥିବା ଅଭିଯୋଗ ହେଉଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପ୍ରଥମେ ଏପ୍ରିଲ ଏବଂ ପରେ ଜୁନ୍ ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ବିଳମ୍ବ ପାଇଁ ଜରିମାନା ଆଦାୟ ସହ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ପଡ଼ିନାହିଁ । ଜିଲ୍ଲାପାଳ କୁଣାଳ ମୋତିରାମ ଚଭାଣ ବାରମ୍ବାର ସମୀକ୍ଷା ବୈଠକ କରି ବିଭାଗୀୟ ଅଧିକାରୀ ଓ ଠିକାଦାରମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଖିଦୃଶିଆ ସୁଧାର ଆସିନାହିଁ । ଏପଟେ ବର୍ଷା ଋତୁ ଆରମ୍ଭ ହୋଇ ସବୁଆଡ଼େ ପାଣି ଜମି ରହିଥିବାରୁ ଚଳିତ ବର୍ଷ ମଧ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି । ଜିଲ୍ଲା ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏ ସମ୍ପର୍କରେ ଆରଡବ୍ଲ୍ୟୁଏସଏସ୍‌ର ଅଧିକ୍ଷଣ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ମାରାଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଯୋଗାଯୋଗର ପ୍ରୟାସ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା ।

# ଝାରସୁଗୁଡାରେ କେଟ୍‌ର ଜିଲ୍ଲା, ନଗର ଓ ମହିଳା ଚାପ୍ଟରର ଶପଥଗ୍ରହଣ ସମାରୋହ

ଝାରସୁଗୁଡା, ୨୫/୭(ନି/ପ୍ର): କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କେଟ୍) ଝାରସୁଗୁଡା ଜିଲ୍ଲା ଚାପ୍ଟର, ନଗର ଚାପ୍ଟର ଓ ମହିଳା (ଲେଡିଜ୍) ଚାପ୍ଟରର ଶପଥ ଗ୍ରହଣ ଓ ପଦସ୍ଥାପନ ସମାରୋହ ସ୍ଥାନୀୟ ଏକ ହୋଟେଲ ରେ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମର ଆରମ୍ଭରେ କେଟ୍ ଝାରସୁଗୁଡା ଜିଲ୍ଲା ସଭାପତି ଦିଲୀପ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ରଜ ମୋହନ ଅଗ୍ରୱାଲ, ବିଶିଷ୍ଟ ଅତିଥି ଭାବେ ହୀରାଲାଲ ଲୋକଚାନ୍ଦାନୀ ଏବଂ ସମ୍ମାନିତ ଅତିଥି ଭାବେ ଗୋବିନ୍ଦ ଅଗ୍ରୱାଲ ଉପସ୍ଥିତ ରହି ନବନିର୍ବାଚିତ ପଦାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସ୍ଥାପନା ଅଧିକାରୀ ଆର୍. କେ. ଶୁକ୍ଳା ନବଗଠିତ କମିଟିର ପଦାଧିକାରୀମାନଙ୍କୁ ଶପଥ ପାଠ କରାଇ ପଦସ୍ଥାପନ କରିଥିଲେ । ଏହି ସମାରୋହରେ ଜିଲ୍ଲାର ବହୁ ବରିଷ୍ଠ ବ୍ୟବସାୟୀ, କେଟ୍ର ପଦାଧିକାରୀ ଓ ବ୍ୟବସାୟିକ ସମୁଦାୟର ବିଶିଷ୍ଟ ସଦସ୍ୟମାନେ ଯୋଗଦେଇଥିଲେ । ଶପଥ ଗ୍ରହଣ ପରେ ନବନିର୍ବାଚିତ ପଦାଧିକାରୀମାନେ ବ୍ୟବସାୟୀଙ୍କ ସ୍ୱାର୍ଥରକ୍ଷା, ବ୍ୟବସାୟ ବିକାଶ, ଜିଏସ୍ଟି ସଚେତନତା ବୃଦ୍ଧି, ଡିଜିଟାଲ ଇଣ୍ଡିଆ ଅଭିଯାନକୁ ସୁଦୃଢ଼ କରିବା ସହ ବ୍ୟବସାୟିକ ସମୁଦାୟର ସମସ୍ୟା ଓ ଦାବିକୁ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ଦୃଢ଼ତାର ସହ ଉପସ୍ଥାପନ କରିବା ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାର ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମକୁ ଉମେଶ ସଂଘାଇ ସୁଚାରୁ ଭାବେ ସଂଚାଳନ କରିଥିବା ବେଳେ ଶେଷରେ ସମ୍ପାଦକ ଆନନ୍ଦ ଗୋଏଲ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ରାସ୍ତାରେ ବୁଲା ଗୋରୁଙ୍କ ଆତଙ୍କ : ବଢ଼ୁଛି ଦୁର୍ଘଟଣା, ସ୍ଥାୟୀ ସମାଧାନ ଦାବି

ଝାରସୁଗୁଡ଼ା,୨୫/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ଓ ସହରାଂଚଳରେ ବୁଲା ଗାଈଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ୁଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛି । କାର୍ଯ୍ୟକ୍ଷମ ଗୋଶାଳାର ଅଭାବ ଓ ଯଥାଯଥ ପରିଚାଳନା ନ ଥିବାରୁ ଗୋରୁମାନେ ମୁଖ୍ୟ ରାସ୍ତାକୁ ଚାଲିଆସୁଛନ୍ତି । ଫଳରେ ଦିନ ହେଉ କି ରାତି, ସହରର ବିଭିନ୍ନ ବ୍ୟସ୍ତବହୁଳ ରାସ୍ତାରେ ଗୋରୁଙ୍କ ଅବାଧ ବିଚରଣ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ବଢ଼ି ଚାଲିଛି । ସୂଚନାଯୋଗ୍ୟ, ପ୍ରାୟ ୧୫ ଦିନ ପୂର୍ବେ କୋଲାବିରା ମୁଖ୍ୟ ରାସ୍ତାରେ ଏକ ବୋଲେରୋ ଗାଡ଼ି ଧକ୍କାରେ ତିନିଟି ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଡ଼ିରେ ଥିବା ଚାରିଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ । ବିଶେଷକରି ସନ୍ଧ୍ୟା ସମୟ ଓ ବର୍ଷା ଋତୁରେ ହଠାତ୍ ରାସ୍ତା ମଝିକୁ ଗୋରୁ ଚାଲିଆସିବା ଯୋଗୁଁ ପ୍ରାୟ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ଅନ୍ୟପଟେ, ରାସ୍ତାକଡ଼ରେ ପଡ଼ିଥିବା ପ୍ଲାଷ୍ଟିକ୍ ଓ ଆବର୍ଜନା ଖାଇ ଏହି ମୂକ ପଶୁମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବାରୁ ପଶୁ କଲ୍ୟାଣକୁ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି । ଏହି ପ୍ରସଙ୍ଗରେ ଝାରସୁଗୁଡ଼ା ସିଡିଭିଓ ଦୟାସାଗର ଧୂରିଆଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ଦେଇନଥିଲେ । ସେପଟେ ଝାରସୁଗୁଡ଼ା ବଜରଙ୍ଗ ଦଳର ମୁଖ୍ୟ ରବି ଗିଦ୍ୱାନୀ କହିଛନ୍ତି ଯେ, ସଂଗଠନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରୁ ଆହତ ଗୋରୁଙ୍କୁ ଉଦ୍ଧାର କରି ଚିକିତ୍ସା କରାଯାଉଛି । ତେବେ ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଠୋସ୍ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ବର୍ଷବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁନାହିଁ । ପୌରପାଳିକା ଓ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ରାସ୍ତାରୁ ବୁଲା ଗୋରୁଙ୍କୁ ହଟାଇ ସୁରକ୍ଷିତ ଗୋଶାଳାରେ ରଖିବା ସହ ସ୍ଥାୟୀ ବ୍ୟବସ୍ଥା କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି ।

# ନିଟ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ : ଝାରସୁଗୁଡ଼ାରେ କଂଗ୍ରେସର ବିକ୍ଷୋଭ, କୁଶପୁତଳିକା ଦାହ





ଝାରସୁଗୁଡ଼ା,୨୫/୭(ନି/ପ୍ର): ନିଟ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ନୂଆଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ ଲାଠିଚାର୍ଜ ଓ ବିରୋଧୀ ନେତାମାନଙ୍କୁ ଅଟକ ରଖାଯାଇଥିବା ଅଭିଯୋଗକୁ ନେଇ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମହାତ୍ମା ଗାନ୍ଧୀ ମୂର୍ତି ପ୍ରାଙ୍ଗଣରେ ପହଂଚିଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତଳିକା ଦାହ କରି ପ୍ରତିବାଦ ଜଣାଇଥିଲେ ।ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ ଯେ, ନିଟ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା ଦେଶର ଲକ୍ଷାଧିକ ପରିଶ୍ରମୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଅନ୍ୟାୟ କରିଛି । ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ସହ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଆନ୍ଦୋଳନକୁ ସମ୍ମାନ ଦେବା ପାଇଁ ସେମାନେ ଦାବି କରିଥିଲେ । ସେହିପରି, ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ସେମାନେ ନିନ୍ଦା କରିଥିଲେ ।ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୀବନ ସାର୍ଥକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, ଦେବାନନ୍ଦ ବାରିକ, ଆଦର୍ଶ ଗାନ୍ଧୀ, ଆର୍ତ୍ତ ବେନିଆ, ପ୍ରଶାନ୍ତ ତ୍ରିପାଠୀ, ଅଲେଖ କୁମାର, ସଞ୍ଜୟ ମହାପାତ୍ର, ରିୟାଜ ହୁସେନ, ୱାରିଶ ଭାଇ, ସଲିମ ଖାନଙ୍କ ସମେତ ବହୁ ନେତା, କର୍ମୀ ଓ ସମର୍ଥକ ଉପସ୍ଥିତ ରହି ପ୍ରତିବାଦରେ ସାମିଲ ହୋଇଥିଲେ ।

# ଅବକାରି ଚଢ଼ଉ, ୨ ଗିରଫ

ଜୟପୁର,୨୫/୭(ନି/ପ୍ର): ଜୟପୁର ଅବକାରି ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଆଜି ୩ଟି ସ୍ଥାନରେ ଚଢଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ୨ ଅଭିଯୁକ୍ତ ହେଲେ ସିରାଗୁଡା ଗ୍ରାମର ବାସୁଦେବ ଅମାନତ୍ୟା ଓ ଘିଉରି ଗ୍ରାମର ତ୍ରିନାଥ ବିଷୋୟୀ (୧୨) । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଅବକାରି ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ସିରାଗୁଡା ଓ ଜୟପୁର ଅବକାରି ଥାନା ତରଫରୁ ଘିଉରି ଗ୍ରାମ ରାସ୍ତାରେ ଚଢଉ କରି ୨୨ ଲିଟର ଦେଶି ମଦ ଜବତ କରି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେହିପରି ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଝିଲିମିଲିଗୁଡା ଜଙ୍ଗଲରେ ଚଢଉ କରାଯାଇଥିଲା । ଚଢଉ ସୂଚନା ପାଇ ମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଅବକାରି ବିଭାଗ ସେଠାରୁ




# ଜିଲ୍ଲା ଯୁବ କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ ବିକ୍ଷୋଭ




ରାଉରକେଲା,୨୫/୭(ନି/ପ୍ର): ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ ଛାତ୍ର ସଭାପତି ଶ୍ରୀ ସୂର୍ଯ୍ୟକାନ୍ତ ବାରିକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋତିଲାଲ ଦୀପ ଓ ଯୁବ ନେତା ଶିବୁ ଦୀପ ଙ୍କ ନେତୃତ୍ୱରେ ଆଜି ରାଉରକେଲା ଉଦିତନଗର ଛକରେ ଏକ ଗଣ ବିକ୍ଷୋଭ ଆୟୋଜନ କରାଯାଇଥିଲା କାରଣ ବିଗତ ଦିନରେ ଦିଲ୍ଲୀ ବିଜେପି ଓ ଦିଲ୍ଲୀ ପୋଲିସ ଦ୍ୱାରା ଯନ୍ତର ମନ୍ତରରେ ଛାତ୍ରଛାତ୍ରୀଙ୍କ ଉପରେ ହେଇଥିବା ମରଣାତ୍ମକ ଆକ୍ରମଣ,ନିଟ ପ୍ରଶ୍ନ ପତ୍ର ଲିକ ଓ ଆମ ନେତା ଦେଶର ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀ ଙ୍କ ପ୍ରତି ହେଇଥିବା ଦୁର୍ବ୍ୟବହାର ବିରୁଦ୍ଧରେ କରାଯାଇଥିଲା ଓ ଏହି ବିକ୍ଷୋଭ ସଭାରେ ନରେନ୍ଦ୍ର ମୋଦି, ଅମିତ ସାହା ଓ ଧର୍ମେନ୍ଦ୍ର ପ୍ରଧାନ ଙ୍କ କୁଶପୁତ୍ତଳିକା ମଧ୍ୟ ଦାହ କରାଗଲା ତଥା ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ସାହ ଓ ଧାମେନ୍ଦ୍ର ପ୍ରଧାନ ଙ୍କ ଇସ୍ତଫା ଦାବି କରାଯାଇ ସ୍ଲୋଗାନ ଦିଆଗଲା ଏହି ବିକ୍ଷୋଭ ରେ ଜିଲ୍ଲା କଂଗ୍ରେସ ସଭାପତି ସବୀର ହୁସେନ,ପୂର୍ବତନ ବିଧାୟକ ପ୍ରାଥୀ ଶ୍ରୀ ବୀରେନ୍ଦ୍ର ନାଥ ପଟ୍ଟନାୟକ,ପୂର୍ବତନ ସଭାପତି ଶ୍ରୀ ରବି ରାୟ, ପୂର୍ବତନ ରାଜ୍ୟ କଂଗ୍ରେସ ମହାସଚିବ ଶ୍ରୀ ପ୍ରବୋଧ ଦାସ,ସଂଖ୍ୟା ଲଘୁ ସଭାପତି ଶ୍ରୀ ଏଯାଜ୍ ଅକ୍ଷତର,ପୂର୍ବତନ ଜିଲ୍ଲା ସଭାପତି ଶ୍ରୀ ରଶ୍ମି ପାଢ଼ୀ, ରାଜ୍ୟ ସଂଖ୍ୟାଲଘୁ ମହାସଚିବ ଯୁବ ନେତା ସଦାବ ଅହମଦ,ପ୍ରସନ୍ନ ବଳିୟାରସିଙ୍ଘ,ଜିଲ୍ଲା ଉପସଭାପତି ଖଡେଲ ସେଠି,ଜିଲ୍ଲା ପୂର୍ବତନ ଉପସଭାପତି ଶ୍ରୀ ବାସୁ ବାନାର୍ଜୀ,ଶୁଶିଲ ସିଂହ,ସେଲ ସଭାପତି ଅମିତ ବଡା,ଚନ୍ଦ୍ରକାନ୍ତ ବାରିକ,ବ୍ଲକ ସଭାପତି ସକୀର ହୁସେନ,ରାକେଶ ବେଉରୀଆ, ଗଉ ଗୁଲାବ, ବ୍ଲକ ସଭାପତି ପ୍ରଦୀପ୍ତ ପଣ୍ଡା ନଚିକେତା ମହାପାତ୍ର,ପ୍ରାଦ୍ୟୁମ୍ନ ଷଡ଼ଙ୍ଗୀ,ଅମିତ ଦୀପ, ବିକାଶ ବାଗ ସହିତ ଶତାଧିକ ଛତ୍ର ଛାତ୍ରୀ ଓ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଆୟକର ବିଭାଗ ପକ୍ଷରୁ ସମଗ୍ର ଦେଶରେ ୧୬୬ତମ ପ୍ରତିଷ୍ଠା ଦିବସ ପାଳନ



ରାଉରକେଲା,୨୫/୭(ନି/ପ୍ର): ଭାରତର ଆୟକର ବିଭାଗ ପକ୍ଷରୁ ସମଗ୍ର ଦେଶରେ ୧୬୬ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ଉତ୍ସବର ଏକ ଅଂଶ ସ୍ୱରୂପ, ଆଜି ରାଉରକେଲା ରେଞ୍ଜ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଆୟକର ବିଭାଗର ଅଧିକାରୀ ଶ୍ୟାମନନ୍ଦନ କୁମାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଏବଂ ପିଲାମାନଙ୍କ ସହିତ ଦିବସବ୍ୟାପୀ ଉତ୍ସବରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଆୟକର ବିଭାଗର ଯୁଗ୍ମ କମିଶନର ଇନ୍ଦ୍ରଜିତ ରବିଦାସଙ୍କ ନେତୃତ୍ୱରେ ଆୟକର ଅଧିକାରୀ ଏବଂ ପିଲାମାନଙ୍କ ସହ କାର୍ଯ୍ୟକ୍ରମରେ ଏକ କେକ୍ କାଟିବା ସମାରୋହ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ପିଲାମାନଙ୍କ ପାଇଁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । ଯୁଗ୍ମ କମିଶନର ଏବଂ ବିଭାଗର ଅନ୍ୟ ଅଧିକାରୀମାନଙ୍କ ଦ୍ୱାରା ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ସହ ଏହି ଉତ୍ସବର ଶେଷ ହୋଇଥିଲା । ଏହା ଆୟକର ବିଭାଗର ଏକତା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବକୁ ବଜାୟ ରଖିଥିଲା । ଆୟକର ଦିବସ ପାଳନ କେବଳ ବିଭାଗର ସମୃଦ୍ଧ ଐତିହ୍ୟକୁ ସ୍ମରଣ କରିନଥିଲା ବରଂ ଏହାର ସଦସ୍ୟମାନଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପ୍ରଦାୟ ଭାବନାକୁ ପୋଷଣ କରିବା ସହିତ ଜନସେବା, ସ୍ୱଚ୍ଛତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଥିଲା ।

# ଜୁଆ ଆଡ୍ଡା ଉପରେ ଚଢାଉ :

## ୯ ଗିରଫ ସହିତ ୭ଲକ୍ଷ ଟଙ୍କା, ଯାନବାହାନ ଏବଂ ମୋବାଇଲ୍ ଜବତ



ରାଉରକେଲା,୨୫/୭(ନି/ପ୍ର): ଛେଣ୍ଡ ପୋଲିସ ପକ୍ଷରୁ ଚଢାଉ କରାଯାଇ ଛେଣ୍ଡ ଥାନା ଅନ୍ତର୍ଗତ ବାଙ୍କିଆରେ ଥିବା ଓମଫେଡ୍ କାରଖାନା ନିକଟରେ ଥିବା ଏକ ବେଆଇନ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲା । ସେଠାରେ ଜୁଆ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ୯ ଜଣଙ୍କୁ ଗିରଫ କରାଯାଇଛି । ପୋଲିସର ସୂଚନା ଅନୁସାରେ, ଜୁଲାଇ ୨୪ ତାରିଖ ଶୁକ୍ରବାର ଦିନ ଛେଣ୍ଡ ଥାନା ଏସ୍ଆଇ ଓମ୍ ପ୍ରକାଶ ରାଉତରାୟଙ୍କ ନେତୃତ୍ୱରେ ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ସୂଚନା ଆଧାରରେ, ପୋଲିସ ଟିମ୍ ଘଟଣାସ୍ଥଳରେ ପହଂଚିବା ପରେ ଅନେକ ବ୍ୟକ୍ତିଙ୍କୁ ବେଆଇନ ଜୁଆ ଖେଳରେ ଲିପ୍ତ ଥିବା ଦେଖାଯାଇଥିଲା । ଘଟଣା ସ୍ଥଳରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା ଏବଂ ଓଡ଼ିଶା ଜୁଆ ନିବାରଣ (ଡଂଚଏ) ଆଇନର ଧାରା ୩ ଅନୁଯାୟୀ ଛେଣ୍ଡ ଥାନା ମାମଲା ନଂ. ୨୦୪/ ୨୦୨୬ ଜୁଲାଇ ୨୪ ତାରିଖରେ ଏକ ମାମଲା ପଞ୍ଜିକୃତ କରାଯାଇଛି । ପୋଲିସର ଏହି ଚଢାଉ ଅଭିଯାନ ସମୟରେ ପୋଲିସ ନଗଦ ୭ ଲକ୍ଷ ଟଙ୍କା ସହ ୧୨ଟି ମୋବାଇଲ୍ ଫୋନ୍, ୧୦୪ଟି ତାସ, ସିଲଭର ବ୍ରିଜ୍ ପ୍ଲେଇଂ କାର୍ଡର ତିନୋଟି ସିଲ୍ ପ୍ୟାକେଟ (ନଂ. ୭୭୨), ଗୋଟିଏ ହଳଦିଆ ପଲିଥିନ୍ ସିଟ୍, ଗୋଟିଏ ଟର୍ଚ୍ଚଲାଇଟ୍ ସହିତ ଗୋଟିଏ ମହିନ୍ଦ୍ରା ସ୍କର୍ପିଓ ଯାହାର ପଞ୍ଜିକରଣ ନମ୍ବର (ଓଡି-୧୬ ଏମ୍ -୨୧୧୧), ଗୋଟିଏ ମାରୁତି ସୁଜୁକି ସ୍ୱିଫ୍ଟ କାର୍ ଯାହାର ପଞ୍ଜିକରଣ ନମ୍ବର (ଓଡି-୧୪-ଏଡି-୧୫୪୮), ଗୋଟିଏ ମୋଟରସାଇକେଲ୍ (ଓଡି-୧୪-ଏକ୍ସ-୪୦୧୮) ଏବଂ ଗୋଟିଏ ସ୍କୁଟି ପଞ୍ଜିକରଣ ନଂ (ଓଡି-୧୪-ଏଜି-୫୦୭୩) ସମେତ ଚାରୋଟି ଗାଡ଼ି ଜବତ କରାଯାଇଛି । ଘଟଣାର ଅଭିଯୁକ୍ତମାନେ ହେଲେ ଅମର କୁମାର ସ୍ୱାଇଁ (୪୨), ସୁଶାନ୍ତ କୁମାର ବିଶ୍ୱାଳ (୩୬), ରୂପେଶ ଜୟସ୍ୱାଲ (୩୬), ପ୍ରବେଶ କୁମାର ସାହୁ (୪୫), ସୁନୀଲ କୁମାର ସାହ (୪୮), କଲ୍ୟାଣ ମିଞ୍ଜ୍ (୪୧), କମଳାକାନ୍ତ ବାରିକ (୩୭), ମହମ୍ମଦ ଓ୍ୱାସିମୁଦ୍ଦିନ (୬୫) ଏବଂ କାଳୀ ଚରଣ ମହାନ୍ତି (୫୦) । ପୋଲିସ ପକ୍ଷରୁ ବିଏନ୍ଏସ୍ (ଇଘଝଝ)ର ଧାରା ୩୫(୩) ଅନୁଯାୟୀ କାଳୀ ଚରଣ ମହାନ୍ତିଙ୍କୁ ନୋଟିସ ପଠାଯାଇଛି । ପୋଲିସ ପକ୍ଷରୁ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ମାମଲାର ଅଧିକ ତଦନ୍ତ ଜାରି ରହିଛି ।

## ଭଦ୍ରକର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା ସମାପିତ

ଭଦ୍ରକ,୨୫/୭: ଭଦ୍ରକର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରା ଙ୍କର ବାହୁଡା ଯାତ୍ରା ଶେଷ ହୋଇଛି । ଜିଲା ବ୍ୟାପି ଏହି ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଭଦ୍ରକ ଟାଉନ ଥାନା, ପୁରୁଣାବଜାର ଅଂଚଳ, ଗ୍ରାମାଂଚଳ ଥାନା ଅଧିନ ବାସୁଦେବପୁର, ନାୟକାଣିଡ଼ିହ, ଆଗରପଡ଼ା, ବନ୍ତ , ଧାମନଗର, ଧୁଷୁରୀ, ଭଣ୍ଡାରିପୋଖରୀ, ଚାନ୍ଦବାଲି, ବଂଶଡ଼ା ଓ ତିହିଡ଼ି ଥାନା ଅଧିନ, ଧାମରା, ଧାମରା ମେରାଇନ , କଣିଆ ମେରାଇନ୍ ଥାନା ସ୍ଥାନରେ ଏହା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି ।

# ଶିଳ୍ପ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସାଉଦି ଆରବରୁ ଫେରୁଛନ୍ତି ଓଡିଆ ଯୁବକ

ଭୁବନେଶ୍ୱର,୨୫/୭(ନି/ପ୍ର): ଘରକୁ ଫେରିବେ ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ର । ଶିଳ୍ପ ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉଦ୍ୟମ ଯୋଗୁଁ ଘରକୁ ସୁରକ୍ଷିତ ଫେରିବେ ପ୍ରଳୟ । ତାଙ୍କୁ ଫେରାଇ ଆଣିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ମନ୍ତ୍ରୀ । ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ମଧ୍ୟ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚିଠି ଲେଖିବା ପରେ ଜେଦ୍ଦାସ୍ଥିତ ଭାରତୀୟ ଦୂତାବାସ ପ୍ରଳୟଙ୍କୁ 'ଫାଇନାଲ୍ ଏକଜିଟ୍' ଏବଂ ବିମାନ ଟିକେଟ୍ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ନିଯୁକ୍ତିଦାତାଙ୍କ ସହ ଆଲୋଚନା କରିଥିଲେ । ଦୂତାବାସର ହସ୍ତକ୍ଷେପ ଏବଂ କମ୍ପାନୀ ସହିତ ନିରନ୍ତର ଯୋଗାଯୋଗ ଫଳରେ, କମ୍ପାନୀ ତାଙ୍କୁ 'ଫାଇନାଲ୍ ଏକଜିଟ୍' ମଞ୍ଜୁର କରିବା ସହ ବିମାନ ଟିକେଟ୍ ଯୋଗାଇ ଦେଇଛି । ଆସନ୍ତା ଜୁଲାଇ ୨୬ତାରିଖରେ ଭାରତ ଫେରିବେ ପ୍ରଳୟ । ଜଗତସିଂହପୁର ଜିଲ୍ଲାର ପ୍ରଳୟ ରଞ୍ଜନ ମହାପାତ୍ର ଗତ ୨୪.୦୫.୨୦୨୪ରେ ସାଉଦି ଆରବ ଯାଇଥିଲେ । ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହୁଇଲ୍ ଲୋଡର୍ ଡ୍ରାଇଭର ଭାବେ କାମ କରୁଥିଲେ । ତେବେ ଗତ ୩୦.୦୪.୨୦୨୬ରେ ଉକ୍ତ କମ୍ପାନୀ ଏବଂ ପ୍ରଳୟ ରଞ୍ଜନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା । କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉନଥିଲେ । ପ୍ରଳୟଙ୍କ ମାଆ ପ୍ରତିମା ସେଠୀ ଏନେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଜଣାଇବା ସହ ପୁଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ । ଏହାପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ମନ୍ତ୍ରୀ । ପୁଅ ସାଉଦି ଆରବରେ ଫସି ରହିଥିବାରୁ ପ୍ରଳୟଙ୍କ ପୂରା ପରିବାର ମାନସିକ ଚିନ୍ତାରେ ଥିଲେ । ବାପା ସାଧୁ ଚରଣ ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ବେଳେ ମାନସିକ ଦୁଶ୍ଚିନ୍ତା ବଢି ଯାଇଥିଲା । ତେବେ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଆସନ୍ତା ରବିବାର ଭାରତ ଫେରୁଛନ୍ତି ପ୍ରଳୟ । ଏହାପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି । ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଳୟଙ୍କ ପରିବାର ଲୋକେ । ଏହାପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ମନ୍ତ୍ରୀ । ପୁଅ ସାଉଦି ଆରବରେ ଫସି ରହିଥିବାରୁ ପ୍ରଳୟଙ୍କ ପୂରା ପରିବାର ମାନସିକ ଚିନ୍ତାରେ ଥିଲେ ।

# ବାହୁଡା ଯାତ୍ରା ସମ୍ପନ୍ନ, ମନ୍ଦିର ଅଭିମୁଖେ ମହାପ୍ରଭୁ ଓ ଭାଇ ଭଉଣୀ

କନ୍ଧମାଳ,୨୫/୭(ନି/ପ୍ର): ଶ୍ରୀ ଜଗନ୍ନାଥଙ୍କ ସମେତ ତିନି ଠାକୁରଙ୍କ ନବଦିନାତ୍ମକ ଯାତ୍ରାର ଅନ୍ତିମ ପର୍ଯ୍ୟାୟ ଯାହାକି ପବିତ୍ର ବାହୁଡା ଯାତ୍ରା ନାମରେ କଥିତ । ଫୁଲବାଣୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅୟୋଜିତ ବାହୁଡା ଯାତ୍ରାରେ ବାହୁଡିଛନ୍ତି ଚତୁର୍ଦ୍ଧାମୂର୍ତ୍ତି ନିଜ ମନ୍ଦିର ଅଭିମୁଖେ । ଆନନ୍ଦ ଉଲ୍ଲାସରସହ ପାଳିତ ହୋଇଛି ଏହି ଯାତ୍ରା । ମେଘୁଆ ପାଗ ଓ ଝିପିଝିପି ବର୍ଷା ସତ୍ତ୍ୱେ ବାହୁଡା ଯାତ୍ରାରେ ଭକ୍ତମାନଙ୍କ ପ୍ରବଳ ଭିଡ ହୋଇଥିଲା । ରଥ ଉପରେ ୩ ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିବା ପାଇଁ ଫୁଲବାଣୀ ସହର ସମେତ ଆଖପାଖ ଅଂଚଳର ଭକ୍ତ ମାନଙ୍କ ପ୍ରବଳ ଭିଡ଼ ହୋଇଥିଲା । ସକାଳୁ ସକାଳୁ ମଙ୍ଗଳ ଆଳତିସହ ମଇଲମ, ରୋଷ ଘର ହୋମ, ପରେ ସୂର୍ଯ୍ୟ ଦେବ ପୂଜା, ଅବକାଶ ଓ ଦ୍ୱାରପାଳ ପୂଜା ଅନୁଷ୍ଠିତ ହୋଇଥିଲା । ପରେ ତିନି ଠାକୁରଙ୍କ ସହ ସୁଦର୍ଶନଙ୍କୁ ରଥ ଉପରକୁ ପହଣ୍ଡି ବିଜେ କରଯାଇଥିଲା । ଜିଲ୍ଲାପାଳ ବେଦ ଭୂଷଣ ଛେରା ପହଁରା କରିଥିବା ବେଳେ ତାଙ୍କ ସହଯୋଗ ଦେଇଥିଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ । ଦିନ ଦୁଇଟା ବେଳେ ରଥ ଟଣା ଆରମ୍ଭ ହୋଇଥିଲା । ଏହି ଅବସରରେ ଉପ ଜିଲ୍ଲାପାଳ ଭିକାରୀ ସାହୁ, ସଭାପତି ସୁନାସିର ମହାପାତ୍ର, ସମ୍ପାଦକ ହରିଶ୍ଚନ୍ଦ୍ର ମହାରଣା, ଆଇନଜିବି ବିଜୟ ମହାନ୍ତି, ରଜତ ମହାନ୍ତି, ଶଙ୍କର ବେହେରା, ଅଶୋକ ପଟ୍ଟନାୟକ, ଶରତ ପଟ୍ଟନାୟକ, ମୁନା ଧଳ, ଅସିତ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ବିଶେଷ ଆକର୍ଷଣ ଥିଲା ଖରୁଡା ସମାଜର ଘଂଟବାଦ୍ୟ, ପୂଜକ ଶଙ୍କର ପାଢ଼ୀ, କାଳିଆ କର, ଲଡୁ ମିଶ୍ର, ସେବକ ଅସିତ ପଣ୍ଡା, ଅସୀମ ପ୍ରହରାଜ ପ୍ରମୁଖ ଭକ୍ତଙ୍କ ନୈବେଦ୍ୟ ପୂଜନ କରୁଥିବା ଦେଖିବାକୁ ମିଳିଥିଲା କ୍ଷ ରଥ ପରିଚାଳନା ଦାୟିତ୍ୱ ସୁକାନ୍ତ ମହାରଣା ତୁଲାଇ ଥିଲେ କ୍ଷ ଏଥିସହିତ କୁନି କୁନି ରଥର ମାଳ ମାଳ ମନ୍ଦିର ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# 'ଏକ ଭାରତ ଶ୍ରେଷ୍ଠ ଭାରତ' ଓ କଳାସୋବ ସମାରୋହ

ଭଦ୍ରକ,୨୫/୭(ନି/ପ୍ର): ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକରେ ଶୁକ୍ରବାର ବାର୍ଷିକ 'ଏକ ଭାରତ ଶ୍ରେଷ୍ଠ ଭାରତ' ଉତ୍ସବ ଓ କଳାଉତ୍ସବ ସମାରୋହ ଉତ୍ସାହ ଓ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ । ନିଜ ଅଭିଭାଷଣରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତର ବିବିଧ ସଂସ୍କୃତି, ଐକ୍ୟ, ସୃଜନଶୀଳତା ଓ କଳାପ୍ରତିଭାର ବିକାଶ ପାଇଁ 'ଏକ ଭାରତ ଶ୍ରେଷ୍ଠ ଭାରତ' ଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ଅଭିନୟ, କାହାଣୀ କଥନ, ଚିତ୍ରାଙ୍କନ ଓ ବିଭିନ୍ନ କଳାକୃତି ପ୍ରଦର୍ଶନ କରି ନିଜର ସୃଜନଶୀଳ ପ୍ରତିଭାର ପରିଚୟ ଦେଇଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

# ପୋଲିସର ଚଢ଼ାଉ : ୧ ଗିରପ, ୪୫ ଲିଟର ବିଅର ଜବତ



ରାଇଘର,୨୫/୭(ନି/ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ପୋଲିସ ପକ୍ଷରୁ ଗୋନା ସାପ୍ତାହିକ ହାଟରେ ଚଢ଼ାଉ କରି ବେଆଇନ ଭାବେ ବିଅର ବିକ୍ରି କରୁଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୪୫ ଲିଟର ବିଅର ଜବତ କରାଯାଇଛି । ଏହି ଘଟଣା ପରେ ରାଇଘର ଅଚଂଳରେ ବେଆଇନ ବିଦେଶୀ ମଦ କାରବାରକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି । ସୂଚନା ଅନୁସାରେ, ରାଇଘର ଥାନା ଅଧିକାରୀ ଟିକେଚାନ୍ଦ ବାହୁବଳୀ ଖଟୁଆଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗୋନା ସାପ୍ତାହିକ ହାଟରେ ଚଢ଼ାଉ କରିଥିଲେ । ସେଠାରେ ବିଜେନ୍ଦ୍ର ମଣ୍ଡଳ ନାମକ ବ୍ୟକ୍ତି ବେଆଇନ ଭାବେ ବିଅର ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା । ତାଙ୍କ ନିକଟରୁ ମୋଟ ୪୫ ଲିଟର ବିଅର, ଅର୍ଥାତ ୫୨ଟି ବିଅର ବୋତଲ ଓ ୧୩ଟି କେନ୍ ବିଅର ଜବତ କରାଯାଇଛି । ରାଇଘର ଅଚଂଳରେ ଦିନକୁ ଦିନ ବେଆଇନ ବିଦେଶୀ ମଦ କାରବାର ବଢୁଥିବା ଅଭିଯୋଗ ହୋଇଆସୁଛି । ସରକାରୀ ଭାବେ ରାଇଘରରେ ଦୁଇଟି ଏବଂ ହାଟଭରଣ୍ଡୀରେ ଗୋଟିଏ ଅନୁମୋଦିତ ବିଦେଶୀ ମଦ ବିକ୍ରୟ କେନ୍ଦ୍ର ଥିବା ସତ୍ତ୍ୱେ, ଗାଁ ଗାଁରେ ଓ ସାପ୍ତାହିକ ହାଟରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଛି । ଏହି ମଦ କେଉଁଠାରୁ ଆସୁଛି ଏବଂ କିପରି ଗ୍ରାମାଚଂଳରେ ପହଚୁଂଛି, ତାହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନ ଉଠୁଛି । ପୋଲିସକୁ ମିଳିଥିବା ସୂଚନା ଆଧାରରେ ଗତକାଲି ଏହି ଚଢ଼ାଉ କରାଯାଇଥିଲା । ଘଟଣା ସମ୍ପର୍କରେ ରାଇଘର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବେଆଇନ ମଦ କାରବାରର ଉତ୍ସ ଏବଂ ଏଥିରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଟିକେଚାନ୍ଦ ବାହୁବଳୀ ଖଟୁଆ ସୂଚନା ଦେଇଛନ୍ତି ।

# ଆରଏସପିରେ ସୁରକ୍ଷା ନେତୃତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ଭିଜନ୍ ଜିରୋ ସଂସ୍କୃତି ସୁଦୃଢ଼

ରାଉରକେଲା,୨୫/୭(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା ର ସୁରକ୍ଷା ଅଭିଯାନ୍ତ୍ରିକ ବିଭାଗ, ସେଲ୍ ସୁରକ୍ଷା ସଂଗଠନ (ଏସ.ଏସ.ଓ) ସହଯୋଗରେ ଜୁଲାଇ ୨୩ ତାରିଖରେ ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟ ବିଭାଗରେ ଏକ ସୁରକ୍ଷା ନେତୃତ୍ୱ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯାହା କାର୍ଯ୍ୟସ୍ଥଳୀର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଭିଜନ୍ ଜିରୋ (ଶୂନ୍ୟ ଦୁର୍ଘଟଣା) ଓ ଜିରୋ ହାର୍ମ (ଶୂନ୍ୟ କ୍ଷତି)ର ସଂସ୍କୃତିକୁ ବୃଦ୍ଧି କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି । ଛକ୍ତଙ୍କ୍ଟଶ୍ମ ;ଆପଣ ସୁରକ୍ଷିତ ରଖିବାକୁ ବାଛନ୍ତୁ ବିଷୟବସ୍ତୁ ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସୁରକ୍ଷା ପ୍ରତି ନେତୃତ୍ୱର ପ୍ରତିବଦ୍ଧତାକୁ ବୃଦ୍ଧି କରିବା ଏବଂ ସଂସ୍ଥାର ସବୁ ସ୍ତରରେ ସୁରକ୍ଷା ଶ୍ରେଷ୍ଠତାକୁ ଅଗ୍ରାଧିକାର ଦେବା । ଉଦ୍ଘାଟନୀ ଓ ଉଦ୍ଯାପନୀ ଉଭୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ନିର୍ବାହୀ ନିର୍ଦ୍ଦେଶକ (ଓ୍ୱାର୍କସ) ଶ୍ରୀ ବିଶ୍ୱ ରଞ୍ଜନ ପାଲାଇ ଅଧ୍ୟକ୍ଷତା କରିଥିଲେ । ମଞ୍ଚସରେ ମହାପ୍ରବନ୍ଧକ ତଥା ବିଭାଗୀୟ ମୁଖ୍ୟ (ସୁରକ୍ଷା ଅଭିଯାନ୍ତ୍ରିକ ବିଭାଗ) ଶ୍ରୀ ଅବକାଶ ବେହେରା ଏବଂ ମେସର୍ସ ଏଲ୍ ଆଣ୍ଡ ଟି ଏଡୁଟେକ୍ (ଭଦୋଦରା)ର ଶ୍ରୀ କେ. ଏନ୍. ସେନ୍ ଉପସ୍ଥିତ ଥିଲେ । କାରଖାନାର ବିଭିନ୍ନ ବିଭାଗରୁ ପ୍ରାୟ ୩୫ ଜଣ ମୁଖ୍ୟ ମହାପ୍ରବନ୍ଧକ, ଫ୍ୟାକ୍ଟ୍ରି ମ୍ୟାନେଜର ଏବଂ ବିଭାଗୀୟ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ପାଲାଇ ଏକ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଗଠନ କରିବାରେ ସକ୍ରିୟ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରତ୍ୟେକ ଅଧିନାୟକ ବ୍ୟକ୍ତିଗତ ପ୍ରତିବଦ୍ଧତା ଓ ପ୍ରତ୍ୟକ୍ଷ କାର୍ଯ୍ୟ ମାଧ୍ୟମରେ ସୁରକ୍ଷା ପାଇଁ ପ୍ରେରଣା ଯୋଗାଇବା ଉଚିତ୍ । ସେ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଶିକ୍ଷଣୀୟ ବିଷୟଗୁଡ଼ିକୁ ନିଜ ନିଜ ବିଭାଗରେ କାର୍ଯ୍ୟକାରୀ କରିବାକୁ ଏବଂ ସୁରକ୍ଷାକୁ ଦୈନନ୍ଦିନ କାର୍ଯ୍ୟଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ଆହ୍ୱାନ ଦେଇଥିଲେ । ଏକ ସକାରାତ୍ମକ ଏବଂ ସକ୍ରିୟ ସୁରକ୍ଷା ମନୋଭାବର ଆବଶ୍ୟକତା ଉପରେ ଜୋର ଦେଇ, ସେ ଆପଣଙ୍କୁ ସୁରକ୍ଷିତ ରହିବାକୁ



ପଡ଼ିବ ପରିବର୍ତ୍ତେ ଆପଣ ସୁରକ୍ଷିତ ରଖିବାକୁ ବାଛନ୍ତୁ ବିଷୟବସ୍ତୁକୁ ଆପଣେଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ; ଏହା ସହ ରେଖାଙ୍କିତ କରିଥିଲେ ଯେ ସୁରକ୍ଷା କେବଳ ନିୟମ ପାଳନରୁ ନୁହେଁ, ବରଂ ବ୍ୟକ୍ତିଗତ ପସନ୍ଦ, ମାଲିକାନା ଅନୁଭବ ଏବଂ ପ୍ରତିବଦ୍ଧତାରୁ ଆସିବା ଉଚିତ୍ । ଏହି କାର୍ଯ୍ୟକ୍ରମରେ ସୁରକ୍ଷା ନେତୃତ୍ୱର ମୁଖ୍ୟ ଦିଗଗୁଡ଼ିକୁ ନେଇ ୬ ଟି ବ୍ୟାପକ ବୈଷୟିକ ମଡ୍ୟୁଲ୍ ଅନ୍ତର୍ଭୁକ୍ତ ଥିଲା । ଏଥିରେ ମୌଳିକ ସୁରକ୍ଷା ନିୟମାବଳୀ ପ୍ରତିଷ୍ଠା , ବିଦ୍ୟମାନ ପରିଚାଳନା ବ୍ୟବସ୍ଥାରେ ସୁରକ୍ଷାକୁ ସାମିଲ କରିବା, ସୁରକ୍ଷା ପ୍ରତି ବ୍ୟକ୍ତିଗତ ପ୍ରତିବଦ୍ଧତା ପ୍ରଦର୍ଶନ କରିବା, ସୁରକ୍ଷା ନିରୀକ୍ଷଣ ଧାରଣାର ପରିଚୟ ଦେବା, ସୁରକ୍ଷା ନିରୀକ୍ଷଣ ଅଭିନୟ ଅଭ୍ୟାସ କରିବା ଏବଂ ଭିଜନ୍ ଜିରୋ ଲକ୍ଷ୍ୟ ଆଡ଼କୁ ସଂସ୍ଥାର ଯାତ୍ରାର ଯୋଜନା ପ୍ରସ୍ତୁତ କରିବା ଆଦି ସାମିଲ ଥିଲା । ଏହି ଆଲୋଚନାଚକ୍ରଗୁଡ଼ିକ ସକ୍ରିୟ ସୁରକ୍ଷା ଅଭ୍ୟାସ, ନେତୃତ୍ୱର ଉତ୍ତରଦାୟିତ୍ୱ ଏବଂ ବ୍ୟବହାରଗତ ସୁରକ୍ଷାକୁ ସୁଦୃଢ଼ କରିବା ଉପରେ ମନୋନିବେଶ କରିଥିଲା, ଯାହା ବରିଷ୍ଠ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ କାରଖାନାରେ ଏକ ସୁଦୃଢ଼ ସୁରକ୍ଷା ସଂସ୍କୃତିକୁ ଆହୁରି ମଜବୁତ କରିବା ପାଇଁ ସକ୍ଷମ କରିବ । ଉଦ୍ ?ଯାପନୀ ଅଧିବେଶନରେ ଅନେକ ମୁଖ୍ୟ ମହାପ୍ରବନ୍ଧକ ନିଜର ଶିକ୍ଷଣୀୟ ଅନୁଭୂତି ବର୍ଣ୍ଣନା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମିଳିଥିବା ବ୍ୟାବହାରିକ ଜ୍ଞାନ, ବିଶେଷ କରି ନେତୃତ୍ୱର ଉତ୍ତରଦାୟିତ୍ୱ, ସୁରକ୍ଷା ନିରୀକ୍ଷଣ ଏବଂ ବ୍ୟବହାରଗତ ସୁରକ୍ଷା ଉପରେ ଦିଆଯାଇଥିବା ସୂଚନାକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ, ଶ୍ରୀ ଅବକାଶ ବେହେରା ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଏକ ସୁଦୃଢ଼ ସୁରକ୍ଷା ସଂସ୍କୃତି ଗଠନ କରିବାରେ ଓ ଶୂନ୍ୟ ଦୁର୍ଘଟଣାର ଲକ୍ଷ୍ୟ ହାସଲ କରିବାରେ ନେତୃତ୍ୱର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ । ସହକାରୀ ମହାପ୍ରବନ୍ଧକ (ସୁରକ୍ଷା) ଶ୍ରୀ ବି. କେ. ପାଢ଼ୀ, ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମଟିକୁ ସହକାରୀ ପ୍ରବନ୍ଧକ (ସୁରକ୍ଷା) ସୁଶ୍ରୀ ପ୍ରଜ୍ଞା ପି. ନାଥ ସଂଯୋଜନା କରିଥିଲେ ।

# ପଟ୍ଟା ପ୍ରଦାନ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି

ଗଞ୍ଜାମ, ୨୫/୭(ନି/ପ୍ର):ପୂର୍ବଜ ମାନଙ୍କ ନାମରେ ଥିବା ଜମିପଟା ଉତରାଧିକାରୀଙ୍କ ନାମରେ ପଟ୍ଟା ପରିବର୍ତ୍ତନ ପାଇଁ ଦୀର୍ଘ ତିନି ଚାରିମାସ ହେଲା ବିଧିବଦ୍ଧ ଭାବେ ଶେରଗଡ ତହସିଲ ଦାରଙ୍କ ନିଟରେ ଆବେଦନ କରିଥିଲେ ମଧ୍ୟ ଆବେଦନ କାରୀଙ୍କୁ ଏଯାଏ ପଟ୍ଟା ପ୍ରଦାନ କରାଯାଇନାହିଁ । ଅନ୍ୟ ପକ୍ଷରେ ଚାଷୀ ପଞ୍ଜିକରଣ କାର୍ଯ୍ୟ ଆସନ୍ତା କାଲିଠାରୁ ଆରମ୍ଭ ହେବ । ପଞ୍ଜିକରଣ କରିବା ପାଇଁ ଜମିପଟ୍ଟା ନିହାତିଦରକାର ।ଏଣୁ ଶେରଗଡ ତହସିଲ ଦାର ଘଟଣା ପ୍ରତି ଧ୍ୟାନ ଦେଇତୁରନ୍ତ ଆବେଦନ କାରୀଙ୍କୁ ପଟ୍ଟା ପ୍ରଦାନ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି ।